## ଅଲ୍ଲାଃତାଲାଙ୍କ ବାଣୀ

କୁଲୁ ମିନ୍ ତୈୟେବାତି
ମା ରଜକ୍‌ନାକୁମ୍

(ସୁରା ବକ୍‌ରା : ୫୮)

**ଅନୁବାଦ:-** ଆମ୍ଭେ ତୁମମାନଙ୍କୁ ଯେଉଁସବୁ ବିଶୁଦ୍ଧ ଦ୍ରବ୍ୟ ଦେଇଅଛୁ ତନ୍ମଧ୍ୟରୁ ଖାଅ ।


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہٖ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 7

ସାପ୍ତାହିକ ବଦର୍

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ଫେବୃଆରୀ 2018 15 ତବ୍‌ଲିଗ୍ 1397 ହି.ଶ 28 ଜମାଦିଲ୍ ଅୱ୍ୱଲ 1439 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥

# ଏହା ହେଉଛି ତିନୋଟି ନିୟମ ଯାହାର ସଂରକ୍ଷଣ ଆମ ଯମାତ୍‌କୁ କରିବାକୁ ହେବ । ଏବଂ ସେଗୁଡିକରେ ଉତମ ନମୁନା ମଧ୍ୟ ଦେଖାଇବାକୁ ପଡ଼ିବ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଆମର ସମସ୍ତ ଉପଦେଶ ଗୁଡିକର ସାରମର୍ମ ଏହି ତିନୋଟି ବିଷୟ ଭିତରେ ଅଛି । ପ୍ରଥମଟି ହେଉଛି ଖୁଦାତାଲାଙ୍କ ହକୁକ୍ (ଅଧିକାର) କୁ ମନେପକାଇ ତାର ଉପାସନା ଓ ତା ଆଜ୍ଞାବହତାରେ ଲାଗିରହିବା, ତାର ମହାନତାକୁ ହୃଦୟରେ ସ୍ଥାପନ କରିବା ଏବଂ ତା ସହିତ ସବୁଠାରୁ ଅଧିକ ପ୍ରେମ କରିବା । ଏବଂ ତା ପ୍ରତି ଭୟ ରଖି କାମନାକୁ ପରିତ୍ୟାଗ କରିବା ଓ ତାକୁ ୱ୍ୱାହିଦ୍ ଲାସରିକ୍ (ଏକ୍ ଓ ଅଦ୍ୱିତୀୟ) ଜାଣିବା ଏବଂ ତା ପାଇଁ ପବିତ୍ର ଜୀବନ ଗ୍ରହଣ କରିବା ଓ କୌଣସି ମନୁଷ୍ୟ ବା ଅନ୍ୟ ସୃଷ୍ଟଜଙ୍କୁ ତା ସହିତ ସମକକ୍ଷ ନକରିବା । ଏବଂ ବାସ୍ତବରେ ତାକୁ ସମସ୍ତ ଆତ୍ମା ଓ ଶରୀରର ସୃଷ୍ଟିକର୍ତା ଓ ପ୍ରଭୁ ରୂପେ ବିଶ୍ୱାସ କରିବା । ଦ୍ୱିତୀୟଟି ହେଉଛି ସମଗ୍ର ମାନବ ଜାତି ସହିତ ସହାନୁଭୁତି ସହିତ ବ୍ୟବହାର କରିବା ଏବଂ ପାରୁ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ସହିତ ଉତମ ବ୍ୟବହାର କରିବା ଓ ଅତି କମ୍‌ରେ ଉତମ କାର୍ଯ୍ୟ ପାଇଁ ସଦିଛା ରଖିବା, ତୃତୀୟଟି ହେଉଛି ଯେଉଁ ସରକାରଙ୍କ ଅନ୍ତର୍ଗତ ଖୁଦାତାଲା ଆମକୁ ରଖିଛନ୍ତି ଅର୍ଥାତ୍ ବ୍ରିଟେନ୍ ସରକାର ଯିଏ ଆମ ଇଜ୍ଜତ୍, ଜୀବନ ଓ ଧନର ସୁରକ୍ଷାକାରୀ ଅଟେ, ତାର ଶୁଭକାମନା କରିବା । ଏବଂ ବିଶୃଙ୍ଖଳା ସୃଷ୍ଟିକାରୀ ଶାନ୍ତି ବିରୋଧୀ କାର୍ଯ୍ୟରୁ ଦୂରେଇ ରହିବା । ଏହା ହେଉଛି ତିନୋଟି ନିୟମ ଯାହାର ସଂରକ୍ଷଣ ଆମ ଯମାତ୍‌କୁ କରିବାକୁ ହେବ । ଏବଂ ସେଗୁଡିକରେ ଉତମରୁ ଉତମ ନମୁନା ଦେଖାଇବାକୁ ପଡ଼ିବ ।

(କିତାବୁଲ୍ ବରିୟାଃ, ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୧୪)

## ୧୨୩ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୬ ତମ ବର୍ଷ)

### ଯମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୩ତମ ଜଲ୍‌ସାସାଲାନାର ସଫଳ ଓ ବାବର୍‌କତ୍ ଆୟୋଜନ

ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ମାଧ୍ୟମରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ଆଧ୍ୟାତ୍ମିକତାର ପରିପୁର୍ଣ୍ଣ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଉଦ୍‌ଯାପନି ଅଭିଭାଷଣ

●୪୪ ଟି ଦେଶରୁ ପ୍ରତିନିଧିତ୍ୱ, ୨୦୦୪୮ ଜଣ ଅହେମଦୀଙ୍କ ଜଲ୍‌ସାରେ ଯୋଗଦାନ

●ହଜୁର୍ ଅନୁୱ୍ୱର୍‌ଙ୍କ ଉଦ୍‌ଯାପନୀ ଭାଷଣ ଅବସରରେ ଲଣ୍ଡନ୍‌ଠାରେ ୫୩୦୦ ଅହେମଦୀଙ୍କ ଯୋଗଦାନ

●ତହଜୁଦ୍ ନମାଜ ପାଠ●ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି (ଅଲ୍ଲାଃଙ୍କ ସ୍ମରଣ) ରେ ପରିପୁର୍ଣ୍ଣ ପରିବେଶ●ୱ୍ୱଲେମାଙ୍କ ସାରଗର୍ଭକ ଭାଷଣ●ଜଲ୍‌ସା ପେଶ୍‌ୱ୍ୱାୟାନେ ମଜ୍‌ହବ (ସର୍ବଧର୍ମ ସମ୍ମିଳନୀ) ର ଆୟୋଜନ● ଅତିଥିମାନଙ୍କ ପରିଚୟ ପ୍ରଦାନ ଭାଷଣ●ଦେଶୀୟ ଓ ଅଣଦେଶୀୟ ଭାଷାରେ ଅନୁବାଦ●ଯମାତର ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ପାଇଁ ତର୍‌ବିୟତି କାର୍ଯ୍ୟକ୍ରମ ଉପରେ ଆଧାରିତ ଡକ୍ୟୁମେଂଟାରୁ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀଗୁଡିକର ଆୟୋଜନ ●୩୨ଟି ନିକାହ୍ (ବିବାହ) ର ଘୋଷଣା ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡିଆରେ ଜଲ୍‌ସାର କଭ୍‌ରେଜ୍ ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ବାତାବରଣରେ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ସମ୍ପନ୍ନ●୨୦-୨୨ ଡିସେମ୍ବର ଆରବୀ ପ୍ରୋଗ୍ରାମ୍ ''ଇସ୍‌ମଉ ସଉତସ୍ ସମାଆ ଯାଅଲ୍ ମସିହ୍ ଯାଅଲ୍ ମସିହ୍'' ର ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ସିଧା ପ୍ରସାରଣ ●୩-୫ ଜାନୀଆରୀ The Messiah of the Age ବିଷୟରେ ଆଫ୍ରିକା ନିମନ୍ତେ ସିଧାପ୍ରସାରଣ ।

### (ତୃତୀୟ ଭାଗ)
### (ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର ବଳକାଅଂଶ)

ଶ୍ରୀଯୁକ୍ତ ତ୍ରିପତ୍ ରାଜେନ୍ଦର୍ ସିଂହ୍ ବାଜ୍‌ୱ୍ୱା ସାହେବ୍ କ୍ୟାବିନେଟ୍ ମିନିଷ୍ଟର୍ ପଞ୍ଜାବ୍ । ଜଲ୍‌ସାରେ ଉପସ୍ଥିତ ଶ୍ରୋତାଗଣଙ୍କୁ ଏକ ସଂକ୍ଷିପ୍ତ ବକ୍ତୃତା ପ୍ରଦାନ କଲେ । ସେ କହିଲେ ଯେ ମୁଁ ସର୍ବପ୍ରଥମେ ଯମାତ୍‌କୁ ଜଲ୍‌ସା ପାଇଁ ଶୁଭେଚ୍ଛା ଜଣାଉଛି । ଏବଂ ଏ ବିଶ୍ୱାସ ଦେଉଛି ଯେ ପଞ୍ଜାବ୍ ସରକାର ସର୍ବଦା ଯମାତ୍ ସହିତ ସାହାଯ୍ୟ ସହଯୋଗ ଜାରି ରଖିବ । ବର୍ତମାନ ସଂସାରବାସୀଙ୍କ ନିମନ୍ତେ ଏହା ଆବଶ୍ୟକ ଯେ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ଅନୁଗାମୀ ଚାରିଆଡ଼େ ବଢ଼ିଚାଲନ୍ତୁ । ଫଳତଃ ଦୁନିଆରେ ଲଢ଼ାଇ ଝଗଡ଼ା ବନ୍ଦ୍ ହୋଇପାରିବ । ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ଲୋକମାନେ ଜିବନ ବିତାଇପାରିବେ । ଅଲ୍ଲାଃକରନ୍ତୁ ଯେ ଏ ଯମାତ୍ ସଂସାରରେ ପ୍ରସାର ଲାଭ କରୁ । ଯଦ୍ୱାରା ଯଥାଶିଘ୍ର ଦୁନିଆରେ ପ୍ରେମ ଓ ସ୍ନେହର ବାତାବରଣ ପ୍ରତିଷ୍ଠା ହୋଇପାରିବ । ଶେଷରେ ସେ କହିଲେ ମୁଁ ହଜୁର୍ ଅନୁୱ୍ୱର୍‌ଙ୍କୁ କାଦିଆନ୍ ଆସିବା ନିମନ୍ତେ ନିମନ୍ତ୍ରଣ ଦେଉଅଛି ।

ଏହାପରେ କ୍ରୋରୋସିଆ ଦେଶରୁ ଆସିଥିବା ଜଣେ ସମ୍ମାନୀୟ ଅହେମଦୀ ଅତିଥି ମୋକରମ୍ ସ୍ୟାଗ୍ ମୁଦା ବେୱ୍ୱେୱ୍ୱିଚ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ମୋଜଫର୍ ଅହେମଦ୍ ନାସିର୍ ସାହେବ୍ ନାଜିର୍ ଇସ୍‌ଲାହ ୱ୍ୱ ଇର୍‌ଶାଦ୍ ମର୍କଜିୟାଃ ଏବଂ ଅଫିସର୍ ଜଲ୍‌ସା ଗାଃ ପଢ଼ି ଶୁଣାଇଲେ । ସେ କହିଲେ ଯେ ଆମର ଏହି ସମ୍ମାନୀୟ ଅତିଥି ଯିଏ କ୍ରୋରେସିଆ ଦେଶରୁ ଆସିଛନ୍ତି, ସେ କହୁଛନ୍ତି ଯେ ମୁଁ ଓ ମୋ ସ୍ତ୍ରୀ ସହିତ ଚାରିଜଣ ବିଶିଷ୍ଟ କ୍ରୋରୋସିଆନ୍ ପ୍ରତିନିଧି ମଣ୍ଡଳ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ଆସିଅଛି । ଗବେଷଣା ମୁତାବକ ବୋଧହୁଏ ଆମେ ପ୍ରଥମ କ୍ରୋରୋସିଆନ୍ ସ୍ୱାମୀ ସ୍ତ୍ରୀ ଅଟୁ ଯିଏ କାଦିଆନ୍‌ର ଜଲ୍‌ସା ସାଲାନାରେ ବଲ୍‌କାନ୍ ଅଂଚଳରୁ ଆସିଛନ୍ତି । ଯମାତ୍ ଅହେମଦୀୟା

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଆପଣ ଯେଉଁମାନେ ଏହି ଜଲ୍‌ସା ନିମନ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି, ଏ ଶପଥ କରନ୍ତୁ ଯେ ନମାଜକୁ ତାର ନିର୍ଦ୍ଧାରିତ ସମୟ ଅନୁସାରେ ପାଠ କରିବେ । ଚେଷ୍ଟା କରନ୍ତୁ କି ମସ୍‌ଜିଦ୍‌ରେ ଯାଇ ବାଯମାତ୍ ନମାଜ ପାଠ କରିବେ ।**

**ନିଜ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି କରନ୍ତୁ, ଆପଣମାନଙ୍କୁ ମିଛରୁ ବଂଚିବାକୁ ହେବ, ଖୟାନତ୍‌ରୁ ବଂଚିବାକୁ ପଡ଼ିବ, ଅହଂକାରରୁ ବଂଚିବାକୁ ହେବ ଓ ନିଜ ଆଧାତ୍ମିକ ସ୍ତରକୁ ବଢ଼ାଇବାକୁ ହେବ ଏବଂ ଉପାସନାର ଉଚ୍ଚତମ ସ୍ତରକୁ ପ୍ରତିଷ୍ଠା କରିବାକୁ ହେବ ।**

**ଖିଲାଫତ୍ ରୂପକ ନେମତ୍ (ପୁରସ୍କାର)ର ସମ୍ମାନ କରନ୍ତୁ ଏବଂ ତାର ହିଦାୟତ୍ ଓ ମାର୍ଗଦର୍ଶନ ଅନୁଯାୟୀ ନିଜ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ ।**

## ପ୍ରଥମ ଜଲ୍‌ସା ସାଲାନା ମାଲ୍‌ଟା ୧୦ ଡିସେମ୍ବର୍ ୨୦୧୭ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା ।

ବିସ୍‌ମିଲ୍ଲାଃ ହିର୍ ରହ୍‌ମା ନିର୍ ରହିମ୍

ନହମଦୁହୁ ୱ୍‌ନୁସଲ୍ଲି ଆଲା ରସୁଲେହିଲ୍ କରିମ୍ ୱ୍ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍

ଖୁଦା କେ ଫଜଲ୍ ଅଓର୍ ରହମ୍ କେ ସାଥ୍ ହୁ ୱ୍‌ନ୍ ନାସିର୍

ପ୍ରିୟ ଯମାତ୍ ଅହେମଦୀୟା ମାଲ୍‌ଟା ର ସଦସ୍ୟଗଣ !

ଅସ୍‌ସଲାମେ ଆଲେକୁମ୍ ୱ୍ ରହମତୁଲ୍ଲାହେ ୱ୍ ବରକାତୁହୁ

ଅଲ୍‌ହମ୍‌ଦୋଲିଲ୍ଲାଃ ଯମାତ୍ ଅହେମଦୀୟ ମାଲ୍‌ଟାକୁ ନିଜର ପ୍ରଥମ ଜଲ୍‌ସା ସାଲାନା ଅନୁଷ୍ଠିତ କରିବାର ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଜଲ୍‌ସାର ସମସ୍ତ ବ୍ୟବସ୍ଥା ଓ ଆୟୋଜନରେ ବର୍‌କତ୍ ପ୍ରଦାନ କରନ୍ତୁ ଏବଂ ଏହି ଜଲ୍‌ସାକୁ ପ୍ରତ୍ୟେକ କ୍ଷେତ୍ରରୁ ଉତମତା ଓ ବର୍‌କତ୍ ପ୍ରଦାନ କରନ୍ତୁ । ଆପଣମାନଙ୍କୁ ଏ ଜଲ୍‌ସାର ଆଧାତ୍ମିକ ବର୍‌କାତ୍‌ରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

ଅଲ୍ଲାଃତାଲାଙ୍କର ବାସ୍ତବିକ୍ ଓ ପ୍ରକୃତ ଭକ୍ତ ହେବାକୁ ହେଲେ ଏହା ଆବଶ୍ୟାକ ଯେ ତା ଉପାସନାର ହକ୍ ପ୍ରଦାନ କରାଯିବ । ନମାଜ୍ ହେଉଛି ଉପାସନାର ଏକ ସୁନ୍ଦର ରୂପ । ଅଲ୍ଲାଃତାଲାଙ୍କ ସାନିଧ ପ୍ରାପ୍ତ କରିବା ପାଇଁ ଏକ ଉତମ ମାଧମ ଓ ଜଣେ ମୋମିନ୍‌ର ଆଧାତ୍ମିକ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଏହା ଅତି ଆବଶ୍ୟକ । ଅଲ୍ଲାଃତାଲାଙ୍କର ଉପାସନା ହିଁ ସେହି ଶକ୍ତି ଯାହା ଜରିଆରେ ଅହେମଦୀୟତ୍ ସମଗ୍ର ସଂସାରରେ ଇସ୍‌ଲାମ୍‌କୁ ବିଜୟୀ କରିବ । ତାହା ହିଁ ଏପରି ମାଧମ ଯାହା ଜରିଆରେ ଅହେମଦୀୟତ୍‌ର ଗାଡ଼ି ଗଡ଼ିଚାଲିଛି । ଆପଣ ଯେଉଁମାନେ ଏହି ଜଲ୍‌ସା ନିମନ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି, ଏ ଶପଥ କରନ୍ତୁ ଯେ ନମାଜକୁ ତାର ନିର୍ଦ୍ଧାରିତ ସମୟ ଅନୁସାରେ ପାଠ କରିବେ । ମୁଁ ପ୍ରଥମେ ମଧ ଏଥିପ୍ରତି ଅନେକଥର ଧାନ ଆକର୍ଷଣ କରାଇଛି ଯେ ଚେଷ୍ଟା କରନ୍ତୁ କି ମସ୍‌ଜିଦ୍‌ରେ ଯାଇ ବାଯମାତ୍ ନମାଜ ପଢ଼ିବେ । ଯଦି ମସ୍‌ଜିଦ୍ ନାହିଁ ତେବେ ଯେଉଁଠାରେ କିଛି ଅହେମଦୀ ଅଛନ୍ତି ସେଠାରେ ନମାଜ ସେଂଟର୍ ବନାନ୍ତୁ ଏବଂ ସେଠାରେ ସମସ୍ତ ଅହେମଦୀ ଏକାଠି ହୋଇ ନମାଜ ପାଠ କରନ୍ତୁ । ଘରେ ନିଜ ସ୍ତ୍ରୀ ପିଲାଙ୍କ ସହିତ ବାଯମାତ୍ ନମାଜ ପଢ଼ିବାର ବ୍ୟବସ୍ଥା କରନ୍ତୁ । ନିଜ ଘରକୁ ଏପରି ସଜାନ୍ତୁ ଯେ ତାହା ଇବାଦତେ ଇଲାହି (ଅଲ୍ଲାଃଙ୍କ ଉପାସନା ନିମନ୍ତେ) ରେ ପରିପୂର୍ଣ୍ଣ ହୋଇଯାଉ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ପୁଣି ଦ୍ୱିତୀୟ କଥାଟି ହେଉଛି ଏହା ଯେ ପ୍ରତ୍ୟେକ ଅହେମଦୀ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ୍‌ରେ ସାମିଲ୍ ହୁଏ ସେ ଦୀନି (ଧାର୍ମିକ) ଚାରିତ୍ରିକ ଓ ଜ୍ଞାନକୁ ବଢ଼ାଇବା ପାଇଁ ଗୋଟିଏ ଶପଥ କରିଥାଏ । ଆପଣମାନଙ୍କ ନିମନ୍ତେ ମୋର ଏହା ବାର୍ତା ଅଟେ ଯେ ସର୍ବଦା ଶରାୟତେ ବୟତ (ବୟତର ସର୍ତାବଳୀ) ଗୁଡ଼ିକୁ ନିଜ ସମ୍ମୁଖରେ ରଖନ୍ତୁ । ନିଜ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି କରନ୍ତୁ । ଆପଣମାନଙ୍କୁ ମିଛରୁ ବଂଚିବାକୁ ପଡ଼ିବ, ଖୟାନତ୍‌ରୁ ବଂଚିବାକୁ ହେବ, ଅହଂକାର ଗର୍ବରୁ ବଂଚିବାକୁ ପଡ଼ିବ ଓ ନିଜ ଆଧାତ୍ମିକ ସ୍ତରକୁ ବଢ଼ାଇବାକୁ ହେବ ଓ ଉପାସନାର ଉଚ୍ଚତମ ସ୍ତରକୁ ପ୍ରତିଷ୍ଠା କରିବାକୁ ହେବ ।

ଆପଣଙ୍କ ଉପରେ ଅଲ୍ଲାଃତାଲାଙ୍କର ବହୁତ ବଡ଼ ଅନୁଗ୍ରହ ଯେ ସେ ଆପଣମାନଙ୍କୁ ଖିଲାଫତ୍ ରୂପକ ନେମତ ପ୍ରଦାନ କରିଛନ୍ତି, ଯାହା ଜରିଆରେ ସବୁ ସମୟରେ ଆପଣମାନଙ୍କୁ ନିଜର ଅହ୍‌ଦେ ବୟତ (ବୟତର ପ୍ରତିଶୃତି) ପ୍ରତି ଧାନ ଆକର୍ଷଣ କରାଯାଉଛି । ଏହି ନେମତ୍‌ର ସମ୍ମାନ କରନ୍ତୁ । ଏବଂ ତା ହିଦାୟତ୍ ଓ ମାର୍ଗଦର୍ଶକ ମୁତାବକ ନିଜ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲାକୁ ସର୍ବଦା ଭୟ କରନ୍ତୁ । ବିନମ୍ରତା ଓ ବିନୟ ସ୍ୱଭାବ ଗ୍ରହଣ କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଖିଲାଫତେ ଅହେମଦୀୟାର ପୂର୍ଣ୍ଣ ଅନୁଗାମୀ ବନାନ୍ତୁ । ଆଜ୍ଞାବହତାର ଉଚ୍ଚତମ ଉଦାହରଣ ଉପସ୍ଥାପନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆପଣଙ୍କ ସାଥିରେ ରହି ଆପଣଙ୍କ ଉପରେ ଅଗଣତି କରୁଣା ପ୍ରଦାନ କରନ୍ତୁ । ଆମିନ୍ !

ୱ୍‌ସ୍‌ସଲାମ୍ ଖାକ୍‌ସାର୍

ମିର୍ଜା ମସ୍‌ରୁର୍ ଅହେମଦ୍

ଖଲିଫତୁଲ୍ ମସିହିଲ୍ ଖାମିସ୍

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୧୯ ଜାନୁଆରୀ ୨୦୧୮ ଙ୍କୁ ଧନ୍ୟବାଦ)

## କୃତଜ୍ଞତା ସହିତ ପ୍ରାର୍ଥନା କରିବା ନିମନ୍ତେ ନିବେଦନ

ମୋର ସାନ ଝିଅ ଅଜିଜା ନେହା ନଓ୍ୱାବ ଢ଼ାକା ୟୁନିଭର୍‌ସିଟିର ଗୋଟିଏ କଲେଜ୍‌ରେ ଏମ୍.ବି.ବି.ଏସ୍ କରୁଛନ୍ତି । ଅଲ୍ଲାଃତାଲାଙ୍କ ଅସୀମ କୃପା ଓ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଦୁଆର ବର୍‌କତ୍‌ରୁ ଅଜିଜା ତୃତୀୟ ବର୍ଷର ପରୀକ୍ଷାରେ ଶତକଡା ୭୬% ନମ୍ବର୍ ରଖି ସଫଳତା ହାସଲ କରିଛନ୍ତି । ଏବର୍ଷ ହେଉଛି ଏମ୍.ବି.ବି.ଏସ୍‌ର ଶେଷ ବର୍ଷ । ଏଥିରେ ପ୍ରମୁଖ ସଫଳତା ତତ୍ ସହିତ ଝିଅର ଉଜ୍ଜଳ ଭବିଷ୍ୟତ ଓ ଯମାତ୍ ନିମନ୍ତେ ହିତକାରୀ ବ୍ୟକ୍ତି ବିଶେଷ ସାବ୍ୟସ୍ତ ହେବା ନିମନ୍ତେ ଯମାତ୍ ଓ ସଦ୍ୟମାନଙ୍କ ନିକଟରେ ପ୍ରାର୍ଥନା (ଦୁଆ) କରିବା ପାଇଁ ସବିନୟ ଅନୁରୋଧ ।

**(କାରୀ ନଓ୍ୱାବ୍ ଅହେମଦ୍, ମ୍ୟାନେଜର୍ ସାପ୍ତାହିକ ବଦର୍ କାଦିଆନ୍)**

# ଖୁତ୍‌ବା ଜୁମା

★ସାହାବାଙ୍କ ଉଦାହରଣ ଦେଖିନିଅ, କହିବାକୁଗଲେ ସାହାବାଙ୍କ ଆଦର୍ଶ ଏପରି ଅଟେ ଯେମିତି ସମସ୍ତ ଅବତାରମାନଙ୍କ ଦୃଷ୍ଟାନ୍ତ । ସାହାବାଙ୍କ ଗୋଷ୍ଠୀ ଅସାଧାରଣ ଗୋଷ୍ଠୀ ଥିଲା ଯେ ଛେଳିମେଣ୍ଢା ପରି ନିଜ ପ୍ରାଣବଳୀ ଦେଲେ, ସମ୍ମାନନୀୟ ଓ ଅନୁସରଣ ଯୋଗ୍ୟ ଗୋଷ୍ଠୀ । ସେମାନଙ୍କ ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ପବିତ୍ର କୋରାନରେ ଅଲ୍ଲାଃତାଲା କୁହନ୍ତି ନା କୌଣସି ବାଣିଜ୍ୟ ବ୍ୟବସାୟ ନା କୌଣସି କିଣାବିକା ସେମାନଙ୍କୁ ଅଲ୍ଲାଃଙ୍କର ପ୍ରଶଂସାଗାନ କରିବାରୁ ଭ୍ରମିତ କରିପାରିଥିଲା । ଏହି ଗୋଟିଏ ପଙ୍କ୍ତି ସାହାବାମାନଙ୍କ ପକ୍ଷରେ ଯଥେଷ୍ଟ ଅଟେ କି ସେମାନେ (ନିଜ) ଭିତରେ ବଡ଼ ବଡ଼ ପରିବର୍ତ୍ତନ ଆଣିପାରିଥିଲେ ।

★ସାହାବା କରାମ **ରିଜୱାନୁଲ୍ଲାଃ ଆଲୈହିମ୍** ଏଭଳି ସତ୍ୟନିଷ୍ଠା ଓ ପ୍ରେମର ସମ୍ପର୍କ ଅଲ୍ଲାଃତାଲାଙ୍କ ସହ ବାନ୍ଧିନେଇଥିଲେ ଯେଉଁଥିରେ ଏପରି ପ୍ରଶ୍ନ ହିଁ ଉଠୁନଥିଲା କି ସେମାନେ କୌଣସି ମତେ ଅଲ୍ଲାଃଙ୍କୁ ପାସୋରି ପାରିବେ କିମ୍ବା କୌଣସି ପ୍ରକାରର ବଳିଦାନ ଦେବା ନିମନ୍ତେ ପଛଘୁଂଚା ଦେଇପାରିବେ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ସାହାବାଙ୍କ ଅବସ୍ଥା ଅନୁଧ୍ୟାନ କଲେ ଜଣାଯାଉଛି ଯେ, ସେମାନଙ୍କ ମଧ୍ୟରୁ କେହି ହେଲେ ମିଛ କହୁନଥିଲେ । ଯେତେବେଳେ କି ଆରବର ପ୍ରାରମ୍ଭିକ ଅବସ୍ଥା ଉପରେ ନଜର କଲେ ଜଣାଯାଉଛି ଯେ, ସେମାନେ ଅତ୍ୟନ୍ତ ନିମ୍ନ ସ୍ତରରେ ଥିଲେ ଏବଂ ପ୍ରତିମା ପୂଜାରେ ମାତିରହିଥିଲେ । ଅନାଥମାନଙ୍କ ଅର୍ଥ ଆତ୍ମସାତ କରିବା ସହିତ ସମସ୍ତେ ଅପକର୍ମରେ ଜଡ଼ିତ ରହୁଥିଲେ । ଡ଼ାକୁମାନଙ୍କ ପରି ଜୀବନ ଅତିବାହିତ କରୁଥିଲେ, ଯେପରି ଉପରୁ ତଳପର୍ଯ୍ୟନ୍ତ ଅପବିତ୍ରତାରେ ବୁଡ଼ିରହିଥିଲେ । କିନ୍ତୁ ହଜୁର ସ.ଆ ସେମାନଙ୍କ ମଧ୍ୟରେ ଏପରି ବିପ୍ଳବ ସୃଷ୍ଟି କରିଦେଲେ ଯାହାର ଦୃଷ୍ଟାନ୍ତ ଅନ୍ୟ (କୌଣସି) ଗୋଷ୍ଠୀରେ ଦେଖିବାକୁ ମିଳୁନାହିଁ । ହଜରତ ମହମ୍ମଦ ସ.ଆଙ୍କର ଏହି ଚମତ୍କାର ଏଭଳି ବଡ଼ ଧରଣର ଥିଲା କି ତାହା ବିଶ୍ୱବାସୀଙ୍କ ଆଖି ଖୋଲିବା ପାଇଁ ଯଥେଷ୍ଟ ଅଟେ ।

★ସେହି ସାହାବାମାନଙ୍କ ମଧ୍ୟରେ ହଜୁର ସ.ଆଙ୍କର **କୁୱ୍ୱତେ କୁଦ୍‌ଶୀ** ଏକ ବିପ୍ଳବ ଆଣିଦେଇଥିଲା । ନଚେତ୍ ଏହି ପ୍ରେମ ଓ ଭଲପାଇବାର ଘଟଣାବଳୀ କଦାପି ଲିପିବଦ୍ଧ ହୋଇନଥାନ୍ତା । ଅଲ୍ଲାଃଙ୍କ ସକାଶେ ହଜୁର ସ.ଆଙ୍କ ପ୍ରତି ସେମାନଙ୍କର ଯେଉଁ ନିବିଡ଼ତା ଥିଲା ତାହାର ମଧ୍ୟ ଉଦାହରଣ କୌଣସିଠାରେ ଦେଖିବାକୁ ମିଳୁନାହିଁ ।

★ପ୍ରତ୍ୟେକ ସାହାବାଙ୍କର ନିଜ ନିଜର ବିଶେଷତ୍ୱ ରହିଛି । ଏକଦା ହଜରତ ଉମର ହଜରତ ସୋହେବ୍‌ଙ୍କୁ କହିଲେ ତୁମେ ବହୁ ପରିମାଣରେ ଲୋକମାନଙ୍କୁ ଭୋଜନ କରାଉଛ । ମୁଁ ଭୟ କରୁଅଛି ଏଥିରେ ଅଯଥା ଖର୍ଚ୍ଚ ନହେଉ । ସେ ଉତର ଦେଲେ ଏହା ହଜୁର ସ.ଆଙ୍କର ଏକ ନିର୍ଦ୍ଦେଶ ମୁତାବକ ଅଟେ । ହଜୁର ସ.ଆ କହିଛନ୍ତି ତୁମମାନଙ୍କ ମଧ୍ୟରୁ ଉତମ ସେ ଯେ ଲୋକମାନଙ୍କୁ ଭୋଜନ କରାଇଥାଏ ଏବଂ ସଲାମ କରିବାକୁ ପ୍ରସାରିତ କରିଥାଏ । ସେ କୁହନ୍ତି ମୁଁ ଏହି ଉପଦେଶକୁ ଗଣ୍ଠି କରିନେଲି ଏବଂ କେବଳ ଆବଶ୍ୟକ ଅନୁଯାୟୀ ଖର୍ଚ୍ଚ କରିଥାଏ, ଅଯଥା ଖର୍ଚ୍ଚ କରିନଥାଏ ।

★ଖୁତବାର ଶେଷରେ ହଜୁର ଅନୱର ଅ.ବ ଶ୍ରୀମତି ଅମତୁଲ୍ ମଜିଦ୍ ଅହେମଦ ସାହେବାଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଯେ ଚଳିତ ମାସ ୯ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ତାଙ୍କ ଜନାଯାଃ ଉପସ୍ଥିତ ଥିଲା ତେଣୁ ହଜୁର ନମାଜ ଜୁମ୍ମା ପରେ ତାଙ୍କ ଜନାଯାଃ ପାଠ କଲେ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୨ ଜାନୁଆରୀ ୨୦୧୮ ଅନୁଯାୟୀ ୧୨ ସୁଲାହ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ହଜରତ ମହମ୍ମଦ ସ.ଆଙ୍କର **କୁୱ୍ୱତେ କୁଦ୍‌ଶୀ** (ପବିତ୍ରତାର ଶକ୍ତି)ର ଚର୍ଚ୍ଚା କରି କୁହନ୍ତି କି ମୋର ବିଶ୍ୱାସ ଯେ, ହଜୁର ସ.ଆଙ୍କର ଏଭଳି କୁୱ୍ୱତେ କୁଦ୍‌ଶୀ ଥିଲା ଯାହାକି ସଂସାରରେ ଅନ୍ୟ କୌଣସି ଅବତାରଠାରେ ଦେଖିବାକୁ ମିଳିନଥାଏ । ଇସଲାମର ଉନ୍ନତି କରିବାର ରହସ୍ୟ ଏହିକି ଯେ, ହଜୁର ସ.ଆଙ୍କର ଆକର୍ଷଣୀୟ ଶକ୍ତି ଅସାଧାରଣ ଥିଲା । ପୁଣି ଆପଣଙ୍କ କଥାରେ ଏଭଳି ପ୍ରଭାବ ଥିଲା କି ଯେ ଶୁଣୁଥିଲା ସେ ପ୍ରଭାବିତ ହୋଇଯାଉଥିଲା । ଯାହାଙ୍କୁ ଆପଣ ଆକର୍ଷିତ କରୁଥିଲେ ତାହାକୁ ପବିତ୍ର ମଧ୍ୟ କରିଦେଉଥଲେ ।

ପୁଣି ହଜରତ ମହମ୍ମଦ ସ.ଆ ନିଜ ସାହାବାମାନଙ୍କ ମଧ୍ୟରେ କେଉଁ ପ୍ରକାର ପରିବର୍ତ୍ତନ ଆଣିଥିଲେ, ତାହାର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ସାହାବାଙ୍କ ଅବସ୍ଥା ଅନୁଧ୍ୟାନ କଲେ ଜଣାଯାଉଛି ଯେ, ସେମାନଙ୍କ ମଧ୍ୟରୁ କେହି ହେଲେ ମିଛ କହୁନଥିଲେ । ଯେତେବେଳେ କି ଆରବର ପ୍ରାରମ୍ଭିକ ଅବସ୍ଥା ଉପରେ ନଜର କଲେ ଜଣାଯାଉଛି ଯେ, ସେମାନେ ଅତ୍ୟନ୍ତ ନିମ୍ନ ସ୍ତରରେ ଥିଲେ ଏବଂ ପ୍ରତିମା ପୂଜାରେ ମାତିରହିଥିଲେ । ଅନାଥମାନଙ୍କ ଅର୍ଥ ଆତ୍ମସାତ କରିବା ସହିତ ସମସ୍ତେ ଅପକର୍ମରେ ଜଡ଼ିତ ରହୁଥିଲେ । ଡ଼ାକୁମାନଙ୍କ ପରି ଜୀବନ ଅତିବାହିତ କରୁଥିଲେ, ଯେପରି ଉପରୁ ତଳପର୍ଯ୍ୟନ୍ତ ଅପବିତ୍ରତାରେ ବୁଡ଼ିରହିଥିଲେ । କିନ୍ତୁ ହଜୁର ସ.ଆ ସେମାନଙ୍କ ମଧ୍ୟରେ ଏପରି ବିପ୍ଳବ ସୃଷ୍ଟି କରିଦେଲେ ଯାହାର ଦୃଷ୍ଟାନ୍ତ ଅନ୍ୟ (କୌଣସି) ଗୋଷ୍ଠୀରେ ଦେଖିବାକୁ ମିଳୁନାହିଁ । ହଜରତ ମହମ୍ମଦ ସ.ଆଙ୍କର ଏହି ଚମତ୍କାର ଏଭଳି ବଡ଼ ଧରଣର ଥିଲା କି ତାହା ବିଶ୍ୱବାସୀଙ୍କ ଆଖି ଖୋଲିବା ପାଇଁ ଯଥେଷ୍ଟ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଜଣେ ବ୍ୟକ୍ତିର ସଂଶୋଧନ କରିବା କଷ୍ଟସାଧ୍ୟ କିନ୍ତୁ ଏଠାରେ ତ (ଆପଣ) ଗୋଟିଏ ଗୋଷ୍ଠୀକୁ ପରିମାର୍ଜିତ କରିଦେଲେ ଯେ, ନିଜ ବିଶ୍ୱାସ ଓ ନିଷ୍ଠାର ଏଭଳି ନମୁନା ଦେଖାଇଲେ କି ଛେଳିମେଣ୍ଢା ପରି ଏହି ମାର୍ଗରେ ବଳି ପଡ଼ିବା ପାଇଁ ପ୍ରସ୍ତୁତ ହୋଇଗଲେ । ହଜରତ ମହମ୍ମଦ ସ.ଆଙ୍କର ଶିକ୍ଷା, ମାର୍ଗଦର୍ଶନ ଓ ପ୍ରଭାବଶାଳୀ ଉପଦେଶ ସେମାନଙ୍କୁ ଆଧାତ୍ମିକ ସମ୍ପର୍ଣ୍ଣ କରିଦେଲା ଏବଂ ସେମାନଙ୍କ ମଧ୍ୟରେ ଅନେକ ସୁଗୁଣ ଓ ପବିତ୍ରତା ଉତ୍ପନ୍ନ କରିଦେଇଥିଲା । ଏହା ସେହି (ଇସଲାମୀୟ) ନମୁନା ଯାହାକି ଆମେ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥାଉ । ଏହି ଇସଲାମ ଓ (ସତ୍)ପଥ ଥିଲା ଯାହାର ଅଲ୍ଲାଃ ପୂର୍ବରୁ ଭବିଷ୍ୟବାଣୀ ସ୍ୱରୂପ ହଜରତ ମହମ୍ମଦ ସ.ଆଙ୍କର ନାମ ମହମ୍ମଦ ରଖିଲେ । ଯଦ୍ୱାରା ଭୂପୃଷ୍ଟରେ ଆପଣ ପ୍ରଶଂସିତ ହେଲେ କାରଣ ଆପଣ ଧରାବାସୀଙ୍କୁ ଶାନ୍ତି, ମୈତ୍ରୀ, ସନ୍ଧି, ଉତମ ଚରିତ୍ର ଓ ପୂର୍ଣ୍ଣ କର୍ମର (ଶିକ୍ଷା ପ୍ରଦାନ) କରୁଥିଲେ ।

ସାହାବାଙ୍କ ବିଷମ ପଦ ଓ ସେମାନଙ୍କ ମଧ୍ୟରେ ଅସାଧାରଣ ପରିବର୍ତ୍ତନ ସୃଷ୍ଟି ହେବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି- ସାହାବାଙ୍କ ଉଦାହରଣ ଦେଖ, ସେମାନଙ୍କ ନମୁନା ଏଭଳି ଥିଲା ଯେମିତି ସମସ୍ତ ଅବତାରମାନଙ୍କ ଦୃଷ୍ଟାନ୍ତ । ଅଲ୍ଲାଃତାଲା ତ ଅମଳକୁ ପସନ୍ଦ କରିଥାନ୍ତି ସେମାନେ ଛେଳିମେଣ୍ଢା ପରି ନିଜ ପ୍ରାଣବଳୀ ଦେଲେ ଏବଂ ସେମାନଙ୍କ ଉଦାହରଣ ଏପରି ଅଟେ ଯେମିତି ନବୁୱ୍ୱତର ଏକ ଧାରାବାହିକ ପ୍ରକ୍ରିୟା ହଜରତ ଆଦମ ଆ.ସଙ୍କଠାରୁ ପ୍ରଚଳିତ ଯାହାକି

ବୁଝାପଡୁନଥିଲା । କିନ୍ତୁ ସାହାବାମାନେ ନିଜ ପ୍ରକାଶ ଦ୍ୱାରା ତାହା ଦର୍ଶାଇଦେଲେ ଓ ଶିକ୍ଷା ମଧ୍ୟ ଦେଲେ କି ସତ୍ୟ ଏବଂ ବିଶ୍ୱସ୍ତତା କାହାକୁ କୁହନ୍ତି । ପୁଣି ଯେପରି କଷ୍ଟକର ଜୀବନ ପ୍ରଣାଳୀକୁ ସେମାନେ ଆପଣାଇନେଲେ ତାହାର ଦୃଷ୍ଟାନ୍ତ ମଧ୍ୟ କେଉଁଠାରେ ଦେଖିବାକୁ ମିଳୁନାହିଁ । ସାହାବାଙ୍କ ଗୋଷ୍ଠୀ ଏକ ଅସାଧାରଣ ଗୋଷ୍ଠୀ ଥିଲା, ସମ୍ମାନନୀୟ ଓ ଅନୁସରଣ ଯୋଗ୍ୟ ଗୋଷ୍ଠୀ । ସେମାନଙ୍କ ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ଯେତେବେଳେ ମଣିଷ ବିଶ୍ୱାସ ସ୍ଥାପନ କରେ ସେତେବେଳେ (ସେହି ମାର୍ଗରେ) ଅର୍ଥ ଦାନ କରିବା ପ୍ରତି ତାହାର ଆସ୍ତେଆସ୍ତେ ଆଗ୍ରହ ବଢିଥାଏ । ଯେତେବେଳେ ଏହା ବଢିଚାଲେ ସେତେବେଳେ ସେ ଅଲ୍ଲାଃଙ୍କ ମାର୍ଗରେ ପ୍ରାଣବଳୀ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଯାଏ । ପୁଣି ସାହାବାଙ୍କ ପ୍ରଧାନ୍ୟ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ କୁହନ୍ତି **ଲା ତୁଲ୍‌ହିହିମ୍ ତିଜାରତୁଉଁ ୱ୍‌ଲା ବୈଉନ୍ ଅନ୍‌ଜିକ୍‌ରିଲ୍ଲାଃ ।**

ପବିତ୍ର କୋରାନରେ ଅଲ୍ଲାଃତାଲା କୁହନ୍ତି ସେମାନଙ୍କୁ ନା କୌଣସି ବାଣିଜ୍ୟ ବ୍ୟବସାୟ ନା କୌଣସି କିଣାବିକା ଅଲ୍ଲାଃଙ୍କ ପ୍ରଶଂସାଗାନ କରିବାରୁ ଭ୍ରମିତ କରିଥାଏ । ହଜୁର ଆ.ସ ଏହାର ସ୍ପଷ୍ଟିକରଣ କରି କୁହନ୍ତି- ଏହି ଗୋଟିଏ ପଙ୍କ୍ତି ସାହାବାମାନଙ୍କ ପକ୍ଷରେ ଯଥେଷ୍ଟ ଅଟେ କି ସେମାନେ (ନିଜ) ଭିତରେ ବଡ଼ ଧରଣର ପରିବର୍ତନ ଆଣିପାରିଥିଲେ । **ପାହାଡ଼ିଆ (ଅଶିକ୍ଷିତ) ଲୋକମାନଙ୍କର ଏଭଳି ସାହସ ଓ ବିରତ୍ୱ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ।** ସେମାନେ ଏଭଳି ପୁରୁଷ ଥିଲେ ଯାହାଙ୍କୁ ଅଲ୍ଲାଃଙ୍କ ଗୁଣଗାନ କରିବାରେ ନା କୌଣସି ବ୍ୟବସାୟ ବାଧକ ସାଜିପାରିଥିଲା ନା କିଣାବିକା । ଅର୍ଥାତ ଅଲ୍ଲାଃଙ୍କ ପ୍ରେମରେ ସେମାନେ ଏଭଳି ପୂର୍ଣ୍ଣତା ପ୍ରାପ୍ତ କରିନେଇଥିଲେ କି ସାଂସାରିକ କାର୍ଯ୍ୟ ବ୍ୟସ୍ତତା ଯେଭଳି ଅତ୍ୟଧିକ ହେଲେ ମଧ୍ୟ ସେମାନଙ୍କ ଅବସ୍ଥାରେ ବ୍ୟତିକ୍ରମ ଆଣିପାରିନଥିଲା ।

ସାହାବା କରାମ **ରିଜ୍‌ୱାନୁଲ୍ଲାଃ ଆଲୈହିମ୍** ଏଭଳି ସତ୍ୟନିଷ୍ଠା ଓ ପ୍ରେମର ସମ୍ପର୍କ ଅଲ୍ଲାଃତାଲାଙ୍କ ସହ ବାନ୍ଧିଥିଲେ ଯେଉଁଥିରେ ଏପରି ପ୍ରଶ୍ନ ହିଁ ଉଠୁନଥିଲା କି ସେମାନେ କୌଣସି ମତେ ଅଲ୍ଲାଃଙ୍କୁ ପାସୋରି ପାରିବେ କିମ୍ବା କୌଣସି ପ୍ରକାରର ବଳିଦାନ ଦେବାରେ ପଛଘୁଂଚା ଦେବେ । ସାହାବାଙ୍କର ଅନେକ ଉଦାହରଣ ରହିଛି-

ହଜରତ ଖବାବ ବିନ୍ ଅରତଙ୍କ ସମ୍ବନ୍ଧରେ ଆସୁଛି ଯେତେବେଳେ ତାଙ୍କର ଅନ୍ତିମ ସମୟ ପାଖେଇ ଆସିଲା ସେତେବେଳେ ସେ ନିଜ କଫନ୍ ଦେଖିବା ପାଇଁ ମଗାଇଲେ, ତାହା ଏକ ଉନ୍ନତମାନର କପଡ଼ା ଥିଲା । ତାହା ଦେଖି ସେ ନିଜ ସମ୍ପର୍କୀୟଙ୍କୁ କହିଲେ ମୋତେ ଏଭଳି ମୂଲ୍ୟବାନ କଫନ୍ ଦେବ ଏବଂ କାନ୍ଦି ପକାଇଲେ । କହିଲେ ହଜରତ ମହମ୍ମଦ ସ.ଆଙ୍କ ଚଚା ହଜରତ ହମ୍‌ଜାଙ୍କୁ ଗୋଟିଏ ଏପରି ଚଦର କଫନ୍ ନିମନ୍ତେ ଦିଆଯାଇଥିଲା ଯାହା ଏତେ ଛୋଟ ଥିଲା କି ଯଦି ଆମେ ତାଙ୍କ ପାଦ ଢଙ୍କାଥିଲୁ ତେବେ ମୁଣ୍ଡ ମୁକୁଳା ରହିଯାଉଥିଲା, ଯଦି ମୁଣ୍ଡ ଢାଙ୍କୁଥିଲୁ ତେବେ ପାଦ ମୁକୁଳା ରହିଯାଉଥିଲା । ସେତେବେଳେ ହଜୁର ସ.ଆଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ପାଦକୁ ଘାସରେ ଢାଙ୍କି ଦିଆଗଲା । ତାପରେ ସେ ଅତ୍ୟନ୍ତ ଧର୍ମପରାୟଣତାର ସହିତ କହିଲେ ହଜୁର ସ.ଆଙ୍କ ସମୟରେ ମୁଁ ଗୋଟିଏ ଦିନାର୍ କିମ୍ବା ଦିରହମ୍‌ର ମାଲିକ ନଥିଲି କିନ୍ତୁ ଆଜି ହଜୁର ସ.ଆଙ୍କ କୃପା ଓ ଅଲ୍ଲାଃଙ୍କ ପୁରସ୍କାର ଯୋଗୁଁ ସେ ମୋ କୁରବାନୀ ସ୍ୱୀକାର କରିବା ଯୋଗୁଁ ମୋତେ ଏଭଳି ଧନ ପ୍ରଦାନ କରିଛନ୍ତି କି ମୋର ଘର କଣରେ ଯେଉଁ ସିନ୍ଦିକ ପଡ଼ିଛି ସେଥିରେ ହିଁ ଚାଳିସ ହଜାର ଦିରହମ୍ ରହିଛି । ସେ କହିଲେ ଅଲ୍ଲାଃତାଲା ଏତେ (ଧନ) ଦେଇଛନ୍ତି କି ମୋତେ ଭୟ ଲାଗୁଛି କି ସମ୍ଭବତଃ ସେ ଆମ ପୁଣ୍ୟକର୍ମର ପ୍ରତିଫଳ ଏହି ଇହକାଳରେ ହିଁ ଦେଇନଦିଅନ୍ତୁ ଓ ପରକାଳର ପ୍ରତିଫଳରୁ ଆମେ ବଂଚିତ ନରହିଯାଉ । ସେ କହିଲେ ସେହି ଲୋକମାନେ ଯେ ଆମଠାରୁ ଆଗରେ ଚାଲିଗଲେ ସେମାନେ ସାଂସାରିକ ଧନସମ୍ପତି ଯେଉଁଥିରୁ ଆମେ ଉପକୃତ ହେଉଅଛେ, ଉପକୃତ ହୋଇପାରିଲେ ନାହିଁ ।

ମାଜ୍ ବିନ୍ ଜବଲ୍ ଜଣେ ସାହାବି ଥିଲେ ତାଙ୍କ ସମ୍ବନ୍ଧରେ ଲେଖାଅଛି କି ସେ ନିୟମିତ ତହଜ୍ଜୁଦ୍ ପାଠ କରିବା ସହିତ ଦିର୍ଘ ସମୟ ପର୍ଯ୍ୟନ୍ତ ନମାଜ ପାଠ କରନ୍ତି । ତାଙ୍କ ତହଜ୍ଜୁଦ୍ ନମାଜ ସଂକ୍ରାନ୍ତରେ ତାଙ୍କ ନିକଟବର୍ତୀମାନେ ଏଭଳି ନକ୍ସା ଟାଣିଛନ୍ତି କି ସେ ଅଲ୍ଲାଃଙ୍କ ସମ୍ମୁଖରେ ଗୁହାରି କରନ୍ତି ହେ ମୋର ପ୍ରଭୁ ! ବର୍ତମାନ ସମସ୍ତେ ଗଭୀର ନିଦ୍ରାରେ ଏବଂ ସମସ୍ତଙ୍କ ଆଖି ଶୋଇରହିଛି ହେ ଅଲ୍ଲାଃ ତୁମେ ଚିରଞ୍ଜୀବୀ ଓ ପ୍ରତିଷ୍ଠିତ ମୁଁ ତୁମଠାରୁ ବୈକୁଣ୍ଠ ଭିକ୍ଷା କରୁଅଛି କିନ୍ତୁ ଏଥିରେ କିଛି ଅଳସୁଆ ଆତ୍ମା ଅର୍ଥାତ ମୁଁ ଅମଳ କରିବାରେ ଅବହେଳା, (ନର୍କର) ଅଗ୍ନିରୁ ଦୂରେଇ ରହିବାରେ ଅକ୍ଷମ ଓ ରୁଗ୍ଣ ଅଟେ । ମୋତେ ଜଣା ଅଛି ଯେ, ନର୍କରେ ଅଗ୍ନି ନିୟତ ରହିଛି ସେଥିରୁ ବର୍ତିବା ନିମନ୍ତେ ଉତମ କର୍ମ କରିବାକୁ ହୋଇଥାଏ କିନ୍ତୁ ତାହା (ସମ୍ପାଦନ) କରିବାକୁ ମୁଁ ଅତ୍ୟନ୍ତ ଦୁର୍ବଳ । ହେ ଅଲ୍ଲାଃ ତୁମେ ମୋତେ ସତ୍‌ପଥ ପ୍ରଦର୍ଶନ କରାଅ ।

ସେହି ସାହାବାମାନଙ୍କ ମଧ୍ୟରେ ହଜୁର ସ.ଆଙ୍କର **କୁଓ୍ୱତେ କୁଦ୍‌ଶୀ** ଏକ ବିପ୍ଳବ ଆଣିଦେଇଥିଲା । ନଚେତ୍ ଏହି ପ୍ରେମ ଓ ଭଲପାଇବାର ଘଟଣାବଳୀ କଦାପି ଲିପିବଦ୍ଧ ହୋଇନଥାନ୍ତା । ଅଲ୍ଲାଃଙ୍କ ସକାଶେ ହଜୁର ସ.ଆଙ୍କ ପ୍ରତି ସେମାନଙ୍କର ଯେଉଁ ନିବିଡ଼ତା ଥିଲା ତାହାର ମଧ୍ୟ ଉଦାହରଣ କୌଣସିଠାରେ ଦେଖିବାକୁ ମିଳୁନାହିଁ ।

ଓ୍ୱହଦ ଯୁଦ୍ଧରେ ହଜରତ ତଲହାଙ୍କର (ହଜୁର ସ.ଆଙ୍କ ପ୍ରତି) ପ୍ରେମ ଓ ଭଲପାଇବାର ଚର୍ଚ୍ଚା ଏପରି ମିଳୁଅଛି କି ସେ ହଜୁର ସ.ଆଙ୍କ ପବିତ୍ର ମୁଖମଣ୍ଡଳରେ ସମ୍ମୁଖରେ ହାତ ରଖିଦେଲେ ଯେପରି କୌଣସି ତିର ଆପଣଙ୍କୁ ନଲାଗୁ । ସେଠାରେ ହ. ଶମାସ୍ ମଧ୍ୟ ବେଶ୍ ବଡ଼ ଧରଣର ଅବଦାନ ପ୍ରଦର୍ଶନ କରିଥିଲେ । ସେ ହଜୁର ସ.ଆଙ୍କ ସମ୍ମୁଖରେ ଛିଡ଼ା ହୋଇ ପ୍ରତ୍ୟେକ ଆକ୍ରମଣକୁ (ଦୃଢତାର) ସହିତ ସହ୍ୟ କରିଥିଲେ । **ହଜୁର ସ.ଆ ହ. ଶମାସ୍‌ଙ୍କ ସମ୍ବନ୍ଧରେ କହିଲେ ଯଦି ମୁଁ ଶମାସ୍‌ଙ୍କୁ କାହା ସହ ସମତୁଲ୍ୟ କରିବାକୁ ଚାହେଁ ତେବେ ତାହା ଢାଲ (ସୁରକ୍ଷା କବଚ) ଅଟେ ।** କାରଣ ସେ ଓ୍ୱହଦର ପଡ଼ିଆରେ ମୋ ପାଇଁ ଢାଲ ପାଲଟି ଯାଇଥିଲେ, ସେ ମୋ ଚତୁର୍ପାର୍ଶ୍ୱରେ ସୁରକ୍ଷା କରି ନିଜର ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିଥିଲେ ।

ସତ କହିବା ଓ ନିର୍ଭିକତା ସାହାବାଙ୍କର ଉତମ ଗୁଣ ଥିଲା । ହଜରତ ସୟିଦ୍ ବିନ୍ ଜୟଦ୍‌ଙ୍କ ସମ୍ବନ୍ଧରେ ବର୍ଣ୍ଣିତ ରହିଛି ଦିନେ କୁଫାରେ ଅମିର ମାଓ୍ୱୀୟାଙ୍କ ଦ୍ୱାରା ମନୋନୀତ ଗଭନର୍ ଜାମେ ମସଜିଦ୍‌ରେ ବସିଥିଲେ । ହଜରତ ସୟିଦ୍‌ଙ୍କର ସେଠାକୁ ଆଗମନ ହେଲା, ଗଭନର୍ ଅତ୍ୟନ୍ତ ସମ୍ମାନ ଓ ମର୍ଯ୍ୟାଦା ପୂର୍ବକ ତାଙ୍କର ସ୍ୱାଗତ କରି ତାଙ୍କୁ ନିଜ ନିକଟରେ ସ୍ଥାନ ଦେଲେ । ଏତିକିବେଳେ କୁଫାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆସିଲେ ଏବଂ ସେ ହ. ଅଲ୍ଲୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଦେଲା । ଏଥିରେ ହଜରତ ସୟିଦ ଅତ୍ୟନ୍ତ ବିରକ୍ତି ଭାବ ପ୍ରକାଶ କରି କହିଲେ ମୁଁ ହଜୁର ସ.ଆଙ୍କୁ କହିବାର ଶୁଣିଛି କି ଅବୁବକର, ଉମର, ଉସମାନ, ଅଲ୍ଲୀ, ତଲହା, ଜୁବେର ବିନ୍ ଅଓ୍ୱାମ, ସାଆଦ ଓ ଅବଦୁର୍ ରହେମାନ୍ ବିନ୍ ଅଓ୍ୱଫ୍ ବୈକୁଣ୍ଠବାସୀ ଅଟନ୍ତି । ସେ କହିଲେ ମୁଁ ଦଶମ ବ୍ୟକ୍ତିକୁ ମଧ୍ୟ ଜାଣେ କିନ୍ତୁ ତାଙ୍କ ନାମ ପ୍ରକାଶ କରୁ ନାହିଁ କିନ୍ତୁ ବାଧ୍ୟ କରିବାରୁ ସେ କହିଲେ ଦଶମ ବ୍ୟକ୍ତି ମୁଁ ଅର୍ଥାତ ସୟିଦ୍ ବିନ୍ ଜୁବେର୍ ଅଟେ । ଆପଣ ଏହି ହଦିସ୍ ମଧ୍ୟ ବର୍ଣ୍ଣନା କଲେ କି ସବୁଠାରୁ ବଡ଼ ସୁଧ (ଅବୈଧ) ଜିନିଷ ମୁସଲମାନର ସମ୍ମାନ ଉପରେ ଅଯଥା ଆଙ୍ଗୁଳି ରଖିବା ଅଟେ । ଆଜି ମୁସଲମାନମାନେ ଏକଥା ପାସୋରି ବସିଛନ୍ତି ଏବଂ ଉର୍ଦ୍ଧ୍ୱରୁ ନିମ୍ନ ସ୍ତର ପର୍ଯ୍ୟନ୍ତ ଜଣେ ମୁସଲମାନ ନିଜ କାମନା ପୂରଣ କରିବାକୁ ଯାଇ ଆଉ ଜଣେ ମୁସଲମାନର ସମ୍ମାନ ଉପରେ ଆକ୍ରମଣ କରୁଅଛି ।

ହଜୁର ଅନଓ୍ୱର ଅ.ବ କହିଲେ- ପ୍ରତ୍ୟେକ ସାହାବାଙ୍କର ନିଜ ନିଜର ବିଶେଷତ୍ୱ ରହିଛି । ଏକଦା ହଜରତ ଉମର ହଜରତ ସୋହେବ୍‌ଙ୍କୁ କହିଲେ ତୁମେ ବହୁ ପରିମାଣରେ ଲୋକମାନଙ୍କୁ ଭୋଜନ କରାଉଛ । ମୁଁ ଭୟ କରୁଅଛି ଏଥିରେ ଅଯଥା ଖର୍ଚ୍ଚ ନହେଉ । ସେ ଉତର ଦେଲେ ଏହା ହଜୁର ସ.ଆଙ୍କର ଏକ ନିର୍ଦ୍ଦେଶ ମୁତାବକ ଅଟେ । ହଜୁର ସ.ଆ କହିଛନ୍ତି ତୁମମାନଙ୍କ ମଧ୍ୟରୁ ଉତମ ସେ ଯେ ଲୋକମାନଙ୍କୁ ଭୋଜନ କରାଇଥାଏ ଏବଂ ସଲାମ କରିବାକୁ ପ୍ରସାରିତ କରିଥାଏ । ସେ କୁହନ୍ତି ମୁଁ ଏହି ଉପଦେଶକୁ ଗଣ୍ଠି କରିନେଲି ଏବଂ କେବଳ ଆବଶ୍ୟକ ଅନୁଯାୟୀ ଖର୍ଚ୍ଚ କରିଥାଏ, ଅଯଥା ଖର୍ଚ୍ଚ କରିନଥାଏ । ହ. ସୋହେବ୍‌ଙ୍କର ପଦ ହ. ଉମରଙ୍କ ଦୃଷ୍ଟିରେ ମଧ୍ୟ ବେଶ୍ ଉର୍ଦ୍ଧ୍ୱରେ ଥିଲା । ସୁତରାଂ ହଜରତ ଉମର ନିଜ ଜନାଯାଃ ହ. ସୋହେବ୍ ପଢାଇବାର ଓ୍ୱସିୟତ୍ କରିଥିଲେ । ଯେପର୍ଯ୍ୟନ୍ତ ଆସନ୍ତା ଖଲିଫା ଚୟନ ହେଲେ ନାହିଁ, ନମାଜର ଇମାମତ୍ ମଧ୍ୟ ହ.ସୋହେବ୍ କରୁଥିଲେ ।

ହଜରତ ଉସାମା ଯେ କି ହଜୁର ସ.ଆଙ୍କର ସ୍ୱାଧୀନ କ୍ରୀତଦାସଙ୍କ ପୁତ୍ର ଥିଲେ, ସେ ସେହି ଭାଗ୍ୟବାନ ବ୍ୟକ୍ତି ଥିଲେ ଯାହାଙ୍କୁ ହଜୁର ସ.ଆ ଭଲପାଉଥିବାର ପ୍ରମାଣ ଦେଇଛନ୍ତି । କିନ୍ତୁ ପିଲାଙ୍କ ପ୍ରଶିକ୍ଷଣ ଓ ଧାର୍ମିକ ମାମଲାରେ ସେଥିରେ କେବଳ ଅଲ୍ଲାଃଙ୍କ ଆଦେଶକୁ ପ୍ରାଥମିକତା ଦେଇଥାନ୍ତି ସେଠାରେ ବ୍ୟକ୍ତିଗତ ପ୍ରେମ ଓ ଭଲପାଇବା ନିମନ୍ତେ କୌଣସି ସ୍ଥାନ ନଥାଏ । ଗୋଟିଏ ଘଟଣା ରହିଛି କି ଯୁଦ୍ଧରେ ଜଣେ ଅମାନ୍ୟକାରୀ ଉସାମାଙ୍କ ସମ୍ମୁଖରେ କଲମା ପଢିଲେ କିନ୍ତୁ ତଥାପି ସେ ଏହି ସନ୍ଦେହରେ ତାଙ୍କୁ ହତ୍ୟା କରିଦେଲେ କି ମୃତ୍ୟୁର ଭୟରେ ସେ କଲମା ପାଠ କରୁଅଛି

। ଏହି ଘଟଣାର ଚର୍ଚ୍ଚା ହଜୁର ସ.ଆଙ୍କ ନିକଟରେ ମଧ୍ୟ ହେଲା ସେତେବେଳେ ହଜୁର ତାଙ୍କୁ କହିଲେ ସେ କଲମା ପାଠ କରିବା ପରେ ମଧ୍ୟ ତୁମେ ତାହାକୁ ହତ୍ୟା କରିଦେଲ ? ସେ ଉତର ଦେଲେ ଉକ୍ତ ବ୍ୟକ୍ତି ମୋ କବଳରୁ ରକ୍ଷା ପାଇବା ନିମନ୍ତେ କଲମା ପାଠ କରିଥିଲା । **ହଜୁର ସ.ଆ କହିଲେ କ'ଣ ତୁମେ ତାହାର ହୃଦୟ ଚିରି ଦେଖିଥିଲ, ପୁନଶ୍ଚ କହିଲେ କ'ଣ ତୁମେ ତାହାକୁ କଲମା ପାଠ କରିବା ପରେ ମଧ୍ୟ ହତ୍ୟା କରିଦେଲ ? ଉସାମା କୁହନ୍ତି ହଜୁର ସ.ଆ ଏହି ବାକ୍ୟର ଏଭଳି ପୁନରାବୃତି କଲେ କି ମୁଁ ଇଚ୍ଛା କଲି ସମ୍ଭବତଃ ଏହା ପୂର୍ବରୁ ମୁଁ ମୁସଲମାନ ହୋଇନଥାନ୍ତି କି !** ସେ କୁହନ୍ତି ମୁଁ ପ୍ରତିଜ୍ଞା କଲି କି ଆସନ୍ତାରେ ଯେ କଲମା ପାଠ କରିବ ତାହାକୁ କଦାପି ହତ୍ୟା କରିବି ନାହିଁ ।

ସମ୍ଭବତଃ ଆଜି ମୁସଲମାନମାନଙ୍କୁ ଏକଥା ବୁଝା ପଡ଼ିଯାନ୍ତା । ଇସଲାମ ନାମରେ ଅଣମୁସଲମାନମାନଙ୍କ ଉପରେ ମୁସଲମାନମାନେ ଯେଉଁ ଅତ୍ୟାଚାର କରୁଛନ୍ତି ତାହାକୁ ବାଦଦେଲା ପରେ ସେମାନେ ନିଜ ମୁସଲମାନ ଭାଇମାନଙ୍କୁ ମଧ୍ୟ ହତ୍ୟା କରୁଛନ୍ତି । ସିରିୟା ଯୁଦ୍ଧକୁ ହିଁ ଦେଖିନିଅ ସେଥିସମ୍ବନ୍ଧରେ କୁହାଯାଉଛି କି ବିଗତ ଅନେକ ବର୍ଷ ହେଲା ଯେତେବେଳ ଠାରୁ ତାହା ଆରମ୍ଭ ହୋଇଛି ସେଠାରେ ଲକ୍ଷାଧିକ ଲୋକ ମୃତ୍ୟୁବରଣ କଲେଣି । ମୁସଲମାନ ହିଁ ମୁସଲମାନର ହତ୍ୟା କରୁଅଛି । **ଜଣେ କଲମା ପଠନକାରୀ ଆଉ ଜଣେ କଲମା ପଠନକାରୀର ହତ୍ୟା କରୁଅଛି ।** ପୁଣି ୟମନ୍‌ରେ କଲମା ପଠନକାରୀଙ୍କୁ ହତ୍ୟା କରାଯାଉଛି ତଥା ଅନ୍ୟାନ୍ୟ ଅତ୍ୟାଚାର ଓ ଯନ୍ତ୍ରଣାର ବଜାର ଗରମ ରହିଛି । ଅଲ୍ଲାଃତାଲା ସେହି ମୁସଲମାନମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ସାହାବା ଓ ଅବତାରଙ୍କୁ ପ୍ରେମ କରିବାର କେବଳ ଶ୍ଲୋଗାନ ଲଗାଇବାରେ ସୀମିତ ରହିନଯାନ୍ତୁ ବରଂ ତାଙ୍କ ଅମଳ ମୁତାବକ ଅମଳ କରନ୍ତୁ । କିନ୍ତୁ ଏହା ପରିବର୍ତେ ସେମାନେ ଇସଲାମ ନାମରେ ନିଜ ଗର୍ବ ଓ ଅହଂକାରକୁ ଶାନ୍ତ୍ୱନା ଦେଉଛନ୍ତି । ଇସଲାମର ତ ସେମାନଙ୍କୁ ଅଲିଫ୍ ବେ (ମୂଳ ଶିକ୍ଷା) ମଧ୍ୟ ଜଣା ନାହିଁ । ନିଜର ବଡ଼ପଣି ପ୍ରମାଣ କରିବା ପ୍ରତି ସର୍ବଦା ଚେଷ୍ଟାରତ । ସେମାନଙ୍କ ମୁହଁରେ ତ ଅଲ୍ଲାଃଙ୍କ ନାମ ରହିଥାଏ କିନ୍ତୁ ହୃଦୟରେ କେବଳ ନିଜ ସ୍ୱାର୍ଥ ଚିନ୍ତା ରହିଥାଏ । ଏହି ଯୁଗରେ ଧରାପୃଷ୍ଠରେ ଅଲ୍ଲାଃତାଲା ପ୍ରକୃତ ଧର୍ମପ୍ରଣାୟତା ସ୍ଥାପନ କରିବା ନିମନ୍ତେ ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କରିଛନ୍ତି । ଅତଃ ଯେପର୍ଯ୍ୟନ୍ତ ଏହି ମୁସଲମାନମାନେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିନାହାନ୍ତି ସେମାନଙ୍କ ସୁଧାର ହେବା ଅସମ୍ଭବ । ଆମ୍ଭକୁ କୃତଜ୍ଞ ହେବା ଉଚିତ୍ କି ଅଲ୍ଲାଃତାଲା ଆମ୍ଭକୁ ଏହି ସୁଧାରକଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କଲେ, ଯାହାଙ୍କୁ ସେ ଏହି ଯୁଗରେ ହଜୁର ସ.ଆଙ୍କର ସଚ୍ଚୋଟ ଦାସ ରୂପେ ପ୍ରେରଣ କରିଛନ୍ତି । ଆପଣ ସାହାବାଙ୍କ ସ୍ତର ସମ୍ବନ୍ଧରେ ଅବଗତ କଲେ ଏବଂ ତାଙ୍କ ଅନୁଗାମୀ ହେବାକୁ ଉପଦେଶ ଦେଲେ । ଏହା ଦର୍ଶାଇଲେ କି ସାହାବାଙ୍କର ନମୁନା କିଭଳି ଥିଲା ତୁମକୁ ସେହି ଚରିତ୍ରକୁ ବୁଝିବା ଉଚିତ୍ ଏବଂ ତାହାକୁ ଆପଣାଇବାକୁ ଚେଷ୍ଟା କରିବା ଉଚିତ୍ । **ଅତଃ ଏହା ହିଁ ଏକ ମାତ୍ର ମାଧ୍ୟମ ଯାହାକୁ ଆମେ ନିଜ ସମ୍ମୁଖରେ ରଖିବା ସହିତ ଆପଣଙ୍କ ହିତ ଉପଦେଶକୁ ବୁଝି ସେଥି ମୁତାବକ ଅମଳ କରିବାକୁ ଚେଷ୍ଟା କଲେଯାଇ ଆମେ ପ୍ରକୃତ ମୁସଲମାନ ହୋଇପାରିବା ।**

ଅଲ୍ଲାଃତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଆପଣଙ୍କ ଉପଦେଶ ମୁତାବକ ଅମଳ କରି ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ପ୍ରକୃତ ଅନୁଗାମୀ ଏବଂ (ଇସଲାମୀୟ) ଆଦେଶ ମୁତାବକ ଅମଳକାରୀ ହେଉ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ ଶ୍ରୀମତି ଅମତୁଲ୍ ମଜିଦ୍ ଅହେମଦ ସାହେବାଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଯେ ଚଳିତ ମାସ ୯ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ ଜନାଯାଃ ଉପସ୍ଥିତ ଥିଲା ତେଣୁ ହଜୁର ନମାଜ ଜୁମ୍ମା ପରେ ତାଙ୍କ ଜନାଯାଃ ପାଠ କଲେ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

## ପବିତ୍ର କୋରାନ୍‌ର ନିୟମିତ ତେଲାଓ୍ୱତ୍(ପଠନ)କରନ୍ତୁ

ସୟଦନା ହଜରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହୁଛନ୍ତି–

''ଅଲ୍ଲାଃତାଲାଙ୍କ ଫଜଲ(କୃପା)ରୁ ଆମ୍ଭେ ଅହେମଦୀ ମୁସଲ୍‌ମାନ୍ ସମସ୍ତଙ୍କଠାରୁ ଅଧିକା ସୌଭାଗ୍ୟଶାଳୀ ଲୋକ । କାରଣ ଆମେ ଇମାମେଓ୍ୱକ୍ତ ହଜରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାତୋ ଓ୍ୱସ୍‌ସଲାମ୍ ଙ୍କୁ ମାନିବା ପାଇଁ ତୌଫିକ୍ ପ୍ରାପ୍ତ ହୋଇଛି ।.........ଆମେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃତାଲା ନିଜର ବାବରକତ୍ ଓ ସମ୍ପୂର୍ଣ୍ଣ ଶରୀୟତ୍ ଜରିଆରେ ଆମର ମାର୍ଗଦର୍ଶନ କରୁଅଛି । ଯାହାକୁ ସେ ଆଁ ହଜରତ୍ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସଲ୍ଲମ୍‌ଙ୍କ ଉପରେ ପବିତ୍ର କୋରାନ୍ ରୂପରେ ଅବତୀର୍ଣ୍ଣ କରିଛନ୍ତି । ସେଥିଯୋଗୁ ଆମ ସମସ୍ତଙ୍କ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଆମେ ପବିତ୍ର କୋରାନ୍‌କୁ ପଠନ କରିବା କାରଣ କୋରାନ୍ ଆମ ସଫଳତା ଓ ଆମର ମୋକ୍ଷ ପ୍ରତି ମାର୍ଗ ଦର୍ଶନ କରୁଅଛି । ଏହା ହେଉଛି ସେହି ଆଧ୍ୟାତ୍ମିକ ଜ୍ୟୋତି ଯିଏ ଆମକୁ ବାସ୍ତବିକ ରୂପେ ଦୀନ୍(ଧର୍ମ)କୁ ଦୁନିଆ(ସଂସାର) ଉପରେ ଅଗ୍ରାଧିକାର ଦେବା ପାଇଁ ଶିକ୍ଷା ଦେଉଅଛି । ଏହା ହିଁ ଆମର ଶିକ୍ଷକ ଓ ଜୀବନ ପ୍ରକ୍ରିୟା....ତେଣୁ ଆମମାନଙ୍କ ଭିତରୁ ସମସ୍ତେ ଏ କଥାକୁ ନିଶ୍ଚିତ କରିବା ଉଚିତ୍ ଯେ ଆମେ ପବିତ୍ର କୋରାନ୍‌କୁ ନିୟମିତ ଭାବେ ପଠନ କରିବା, ଏହାର ଗଭୀର ଜ୍ଞାନକୁ ଶିଖିବା ପାଇଁ ଚେଷ୍ଟା କରିବା ଏବଂ ଏହାର ପ୍ରତ୍ୟେକ ଶିକ୍ଷା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବା । ଆଜି ଯଦି ଆମର ହୃଦୟ ଓ ବୁଦ୍ଧି ପବିତ୍ର ଓ ସ୍ୱଚ୍ଛ ହୋଇପାରିବ ଏବଂ ଆମ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି ହୋଇପାରିବ ତେବେ ଏହା କେବଳ ଅଲ୍ଲାଃତାଲାଙ୍କ ବାଣୀକୁ ପଢ଼ିବା ଓ ବୁଝିବା ଫଳରେ ହିଁ ସମ୍ଭବ ହେବ'' ।

(ତା-୨୬ ସେପ୍ଟେମ୍ବର୍ ୨୦୧୬ ରିଖ ଦିନ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଇଂଲଣ୍ଡର ଜାତୀୟ ଇଜିତେମା ଅବସରରେ ଉଦ୍‌ଯାପନୀ ଅଭିଭାଷଣ । ବହଓ୍ୱାଲା ଅଖବାର୍ ବଦର୍ କାଦିଆନ୍, ୭-ସେପ୍ଟେମ୍ବର୍-୨୦୧୭)

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ତାଲିମୁଲ୍ କୁରଆନ୍ ଓ୍ୱ ଓ୍ୱକ୍‌ଫେ ଆରଜି କାଦିଆନ୍)

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଡେନ୍‌ମାର୍କ୍ ଯମାତ୍ ପ୍ରସଙ୍ଗରେ ବିଭିନ୍ନ ବିଷୟରେ କାର୍ଯ୍ୟପନ୍ଥା ଉପସ୍ଥାପନ କରି ହିଦାୟତ ଗ୍ରହଣ କଲେ । ସେ କହିଲେ ଯେ ଆଜିକାଲି ମିଡ଼ିଆରେ ସମଲିଙ୍ଗୀ ବାବଦରେ ବହୁତ କିଛି ପ୍ରଶ୍ନ କରାଯାଉଛି । ଏବଂ ଯେବେ ଏହି ପ୍ରଶ୍ନ ଗୁଡିକର ଉତର ସେମାନଙ୍କୁ ଦିଆଯାଉଛି ତେବେ ସେମାନେ ଏହି ଉତରକୁ ବିକୃତ କରି ନିଜ ଇଚ୍ଛା ମୁତାବକ ଅର୍ଥ ବାହାର କରି ଛାପି ଦେଉଛନ୍ତି । ସେମାନଙ୍କୁ କିପରି ଉତର ଦିଆଯାଇପାରିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣ ତାଙ୍କୁ କହିବା ଉଚିତ୍ ହେବ ଯେ ମୁଁ ହେଉଛି ଜଣେ Religious Minister. ମୁଁ ନିଜ ଧାର୍ମିକ ଶିକ୍ଷା ମୁତାବକ ଓ ନିଜ ଧର୍ମରେ ଥିବା ପୁସ୍ତକ ମୁତାବକ ଉତର ଦେଉଛି ଯେ ପବିତ୍ର କୋରାନ୍ ସମଲିଙ୍ଗୀ ସମ୍ପର୍କକୁ ବୈଧର ମାନ୍ୟତା ଦିଏନାହିଁ । ବରଂ ବାଇବେଲ୍‌ର ଶିକ୍ଷା ମଧ୍ୟ ସମଲିଙ୍ଗୀ ସମ୍ପର୍କର ବିରୋଧ ଅଟେ । ତେଣୁ ବାଇବେଲ୍ ମଧ୍ୟ ଏହାକୁ ବୈଧ ରୂପେ ଗ୍ରହଣ କରେନାହିଁ । ବାକି ଯେଉଁଠି ଦଣ୍ଡ ବିଧାନର କଥା ଉଠୁଛି ତେବେ ହଜ୍‌ରତ୍ ଲୁତ୍ ଆଲେହିସ୍ ସଲାମ୍‌ଙ୍କ କୌମ୍‌କୁ ଗୋଟିଏ ଜାତୀୟ ଓ ତଥାକଥିତ କୁକର୍ମ ଯୋଗୁ ଅଲ୍ଲାଃତାଲାଙ୍କ ତରଫରୁ ଦଣ୍ଡ ମିଳିଥିଲା ।

ଏହାପରେ ସୟଦ୍ ଅହେମଦ୍ ୟହ୍‌ୟା ସାହେବ୍ (ଚେୟାରମ୍ୟାନ୍ ହ୍ୟୁମାନିଟି ଫାର୍ଷ୍ଟ ୟୁକେ) ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ହ୍ୟୁମାନିଟି ଫାର୍ଷ୍ଟ ପ୍ରସଙ୍ଗରେ ବିଭିନ୍ନ ଯୋଜନା ଓ ବିଷୟ ଗୁଡିକୁ ଉପସ୍ଥାପନ କରି ହିଦାୟତ୍ ହାସଲ୍ କଲେ । ହ୍ୟୁମାନିଟି ଫାର୍ଷ୍ଟ ଯାହା ବିଗତ ୨୩ ବର୍ଷ ହେବ ମାନବ ଜାତିର ସେବାରେ ଅହରହ ଲାଗି ରହିଛି ତାହା ବର୍ତମାନ ଖୁଦାତାଲାଙ୍କ ଦୟାବଳରୁ ଦୁନିଆର ୫୨ଟି ଦେଶରେ ରେଜିଷ୍ଟ୍ରର୍ଡ୍ ହୋଇସାରିଛି । ହ୍ୟୁମାନିଟି ଫାର୍ଷ୍ଟ ଇଂଲଣ୍ଡ ବ୍ୟତୀତ ହ୍ୟୁମାନିଟି ଫାର୍ଷ୍ଟ ଜର୍ମାନୀ, ଆମେରିକା ଓ କାନାଡ଼ା ମଧ୍ୟ ବିଭିନ୍ନ ଦେଶରେ ଅସାଧାରଣ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କରୁଛନ୍ତି । ଏହି ଚାରିଦେଶର ହ୍ୟୁମାନିଟି ଫାର୍ଷ୍ଟ ସଂସ୍ଥା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ହିଦାୟତ୍ ହାସିଲ୍ କରି ବହୁତ ବ୍ୟାପକ ରୂପେ ଦୁଃଖୀ, ଦରିଦ୍ର, ପ୍ରଭାବିତ ଓ ଅର୍ଥ ଆବଶ୍ୟକ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି । କେବଳ ବିଗତ ୧ ବର୍ଷ ଭିତରେ ୧୮ ଟି ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଓ ଗୃହଯୁଦ୍ଧରେ ପ୍ରପିଡ଼ୀତ ୭୩ ହଜାର୍ ୬୩୬ ଜଣ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରାଯାଇଛି । ସେମାନଙ୍କୁ ଖାଇବା ପିଇବାର ଜିନିଷ, ସ୍ୱାସ୍ଥ୍ୟସେବା ଓ ସେଲ୍‌ଟର୍ ଇତ୍ୟାଦି ଯୋଗାଇ ଦିଆଯାଇଛି । ସେହିପରି ବିଟି ଦେଶରେ ହୋଇଥିବା ଝଡ଼ ତୋଫାନ୍, ଇକ୍ୱାଡିଓ୍ୱରରେ ହୋଇଥିବା ଭୂମିକମ୍ପ, ପୂର୍ବ ଆଫ୍ରିକାରେ ପଡ଼ିଥିବା ଦୁର୍ଭିକ୍ଷ, ଜାପାନ୍‌ରେ ହୋଇଥିବା ଭୂମିକମ୍ପ, ସିରିଆରେ ହୋଇଥିବା ଗୃହଯୁଦ୍ଧ, ଫ୍ଲଣ୍ଟ୍ ଓ୍ୱାଟର୍ କ୍ରାଇସିସ୍ ୟୁ.ଏସ୍.ଏ, ଭାରତରେ ବିହାର ପ୍ରଦେଶରେ ଆସିଥିବା ବନ୍ୟା, ନାଇଜେରିଆ ଓ କ୍ୟାମେରୁନ୍‌ରେ ହୋଇଥିବା IDPs ଏବଂ ବିଭିନ୍ନ ଦେଶରୁ ଥିବା ମୁହାଜିର୍ ମାନଙ୍କର ମଧ୍ୟ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ମୋଟାମୋଟି ଏବର୍ଷ ୨ଲକ୍ଷ୍ୟ ୬୩ହଜାର୍ ୭୬ଜଣ ଗରିବ ପ୍ରପିଡୀତ ଓ ଗୃହହୀନ ଲୋକମାନଙ୍କ ନିମନ୍ତେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷର ବ୍ୟବସ୍ଥା କରାଯାଇଛି ।

Water for life ସ୍କିମ୍ ଅନ୍ତର୍ଗତ ଏପର୍ଯ୍ୟନ୍ତ ୨୫୪୦ଟି ପାଣି ପମ୍ପ ଲଗା ସରିଛି । ସେଥିରୁ ୩.୮ ମିଲିୟନ୍ ଲୋକେ ଲାଭ ଉଠାଉଛନ୍ତି । Knowledge for life ସ୍କିମ୍ ଅନ୍ତର୍ଗତ ହ୍ୟୁମାନିଟି ଫାର୍ଷ୍ଟ ଆଫ୍ରିକୀୟ ଦେଶଗୁଡିକରେ ୨୨ ଟି ସ୍କୁଲ୍ ପରିଚାଳନା କରୁଅଛି । ଏତଦ୍‌ବ୍ୟତୀତ ନାଇଜେରିଆ, ମାଲି ଓ ଟୋଗୋ ଠାରେ ଆହୁରି ଅଧିକା ସ୍କୁଲ୍ ନିର୍ମାଣାଧିନ ଅଛି । ଏହିପରି ୨୮ଟି ଭୋକେସନାଲ୍ ଟ୍ରେନିଂ ସେଂଟର୍ ପରିଚାଳନା କରୁଅଛି । ଏହି ପଚାଶଟି ଅନୁଷ୍ଠାନରୁ ଏବର୍ଷ ମୋଟ ୬୮୧୧୭ ଜଣ ଲୋକେ ଲାଭ ଉଠାଇଛନ୍ତି । ଉର୍ଦ୍ଦୁନ୍ ଠାରେ ମଧ୍ୟ ସିରିଆ ଦେଶର ପିଲାମାନଙ୍କ ନିମନ୍ତେ ତିନିବର୍ଷ ହେବ ଶିକ୍ଷା ପ୍ରୋଜେକ୍ଟ ଜାରି ରହିଛି । Gift sight ସ୍କିମ୍ ଅନ୍ତର୍ଗତ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ମାର୍ଗଦର୍ଶନରେ ଏପର୍ଯ୍ୟନ୍ତ ମୋଟାମୋଟି ୧୬୬୬୫ଟି ଅପରେସନ୍ କରାଯାଇଛି । ଏତଦ୍‌ଭିନ୍ନ ଏବର୍ଷ ୫୪ ହଜାର୍ ଲୋକଙ୍କୁ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ମାଗଣା ଅପରେସନ୍ ମଧ୍ୟ ସାମିଲ୍ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଗୋଟୋମାଲାରେ ଗରିବ ଲୋକଙ୍କ ସେବା ନିମନ୍ତେ ଗୋଟିଏ ଡାକ୍ତରଖାନା ପ୍ରତିଷ୍ଠା କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ହ୍ୟୁମାନିଟି ଫାର୍ଷ୍ଟ ଆମେରିକା ୨୨ଟି ବେଡ୍ ବିଶିଷ୍ଟ ଗୋଟିଏ ବଡ଼ ଡାକ୍ତରଖାନା ନିର୍ମାଣ କରୁଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଡାକ୍ତରଖାନାର ନାମ ନାସିର୍ ହସ୍‌ପିଟାଲ୍ ରଖିଛନ୍ତି । ଏତଦ୍‌ବ୍ୟତୀତ ସିନିଗାଲ୍, ୟୁଗାଣ୍ଡା, ଟୋଗୋ, ଇଣ୍ଡୋନେସିଆ ଏବଂ ଆଇଭରିକୋଷ୍ଟରେ ମଧ୍ୟ ଡାକ୍ତରଖାନା ଓ କ୍ଲିନିକ୍‌ର ଯୋଜନା ରଖାଯାଇଛି । ହ୍ୟୁମାନିଟି ଫାର୍ଷ୍ଟ ଅନ୍ତର୍ଗତ ବିଭିନ୍ନ ଦେଶରେ ଫୁଡ୍ ବ୍ୟାଙ୍କ୍ ଏବଂ ଷ୍ଟୋର୍ ସ୍ଥାପନ କରାଯାଇଛି । ଯାହା ମାଧ୍ୟମରେ ଏବର୍ଷ ଷାଠିଏ ହଜାରରୁ ଅଧିକ ଅନାହାରରେ ପ୍ରପିଡୀତ ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି ।

ଏହାପରେ ମରିସସ୍‌ର ମୋବୋଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ତାଙ୍କୁ ହିଦାୟତ୍ ପ୍ରଦାନ କରି କହିଲେ ମୁରବୀମାନଙ୍କୁ ନିଜେ ନିଜର ସମ୍ମାନକୁ ପ୍ରତିଷ୍ଠା କରିବା ଉଚିତ୍ । ବିଭିନ୍ନ ବିଭାଗର ସେକ୍ରେଟାରୀମାନେ ଯେଉଁ ପ୍ରୋଗ୍ରାମ୍ ବନାଉଛନ୍ତି ସେମାନଙ୍କର ନିୟମିତ ସାଲାନା କ୍ୟାଲେଣ୍ଡର୍ ହେବା ଉଚିତ୍ । ମୁରବୀ ମାନଙ୍କୁ ଏହା ଜାଣିବା ଉଚିତ୍ ଯେ କେଉଁ ସବୁ ପ୍ରୋଗ୍ରାମ୍ କେବେ ଅନୁଷ୍ଠିତ ହେବ ଓ କେଉଁ ପ୍ରୋଗ୍ରାମ୍‌ରେ ସେମାନେ ସାମିଲ୍ ହେବେ । ଏହିପରି ଆପଣମାନଙ୍କର ଯେଉଁସବୁ ମସ୍‌ଜିଦ୍ ଓ ନମାଜ ସେଂଟର୍ ଅଛି ତାହା ସବୁ ପାଂଚବେଳା ନମାଜ ପାଇଁ ଖୋଲା ରହିବା ଉଚିତ୍ । ଏହାର ସଠିକ୍ ବ୍ୟବସ୍ଥା କରାଯିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯାହା କିଛି ତରବିୟତି ସମସ୍ୟା ଅଛି ସେ ସବୁ ବିଷୟରେ ସେକ୍ରେଟାରୀ ତରବିୟତ୍ ସହିତ ସମ୍ପର୍କ କରନ୍ତୁ । ଏବଂ ତାଙ୍କ ସହିତ ମିଶି ଯମାତ୍‌ର ଲୋକମାନଙ୍କର ତରବିୟତି ପ୍ରୋଗ୍ରାମ୍ ବନାନ୍ତୁ । ମୁବଲ୍ଲିଗ୍ ମାନଙ୍କର ଏହା ମଧ୍ୟ କାମ ଅଟେ ଯେ କାର୍ଯ୍ୟକରି ତାର ଫଳ ବାହାର କରି ଦେଖାନ୍ତୁ । ଆପଣମାନଙ୍କୁ ତବ୍‌ଲିଗ୍ ଓ ତରବିୟତ୍‌ର କାମ କରିବାକୁ ପଡ଼ିବ । ଏହା କିପରି କରାଯିବ ତାହା ଆପଣମାନଙ୍କ ଦାୟିତ୍ୱ ଅଟେ । ଅବସ୍ଥାକୁ ଦେଖି ନିଜର ପ୍ରୋଗ୍ରାମ୍ ପ୍ରସ୍ତୁତ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଯେତେବେଳେ ଆପଣମାନେ ଦୁଇଟି କୁଟୁମ୍ବ ଭିତରେ ସୁଲ୍‌ହା କରାଇବେ ଏବଂ ସେମାନଙ୍କର ଝଗଡ଼ାକୁ ନିଷ୍ପତି କରିବେ ସେତେବେଳେ ଆପଣମାନେ କୌଣସି ପାର୍ଟିର ପକ୍ଷ ହେବେନାହିଁ ଓ ପକ୍ଷପାତି କରିବେ ନାହିଁ । କୌଣସି ପକ୍ଷଙ୍କ ଠାରୁ ଗ୍ଲ ପାଣି ଓ ଖାଦ୍ୟ ଖାଇବେ ନାହିଁ । ଯଦି ଏପରି କରିବେ ତେବେ ଆପଣଙ୍କ ଉପରେ ପକ୍ଷପାତିର ଆରୋପ ଲାଗିଯିବ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଯମାତ୍‌ର ଯେଉଁ ଓ୍ୱହ୍‌ଦାଦାରମାନେ ଅଛନ୍ତି ସେମାନଙ୍କ ସହିତ ମିଳିମିଶି ବସନ୍ତୁ ଓ ଯାହା କିଛି ସମସ୍ୟା ଅଛି ତାର ସମାଧାନର ରାସ୍ତା ବାହାର କରନ୍ତୁ । ହିକ୍‌ମତ୍ (ବୁଦ୍ଧିମତା)ର ସହିତ କାମ କରନ୍ତୁ । ଏବଂ ଯାହା କିଛି ଆବଶ୍ୟକ ଅଛି ତା ବିଷୟରେ ସମ୍ପର୍କୀୟ ବିଭାଗକୁ ଜଣାନ୍ତୁ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ଅମୀର୍ ସାହେବ୍ ଯମାତ୍ ଅହେମଦୀୟା ଅଷ୍ଟ୍ରେଲିଆ ଦଫ୍‌ତରି ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପାଇଲେ । ସେ ସିଡ୍‌ନିରେ ଯମାତ୍‌ର ମର୍କଜି ସେଂଟର୍ ଓ ମସ୍‌ଜିଦ୍ ସହିତ ସଂଲଗ୍ନ ଇଲାକାରେ ମସରୁର ଗେଷ୍ଟ୍ ହାଉସ୍ ନିର୍ମାଣ ପ୍ରସଙ୍ଗରେ ନୂତନ ଯୋଜନା ଓ ପ୍ରୋଗ୍ରାମ୍ ଉପସ୍ଥାପନ କରି ହିଦାୟତ୍ ହାସଲ୍ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଅଷ୍ଟ୍ରେଲିଆ ଗସ୍ତ ସମୟରେ ଇଦୁଲ୍ ଅଜହା ଦିନ ତା-୧୬ ଅକ୍ଟୋବର ୨୦୧୩ କୁ ଉକ୍ତ ଗେଷ୍ଟ୍ ହାଉସ୍‌ର ଭିତିପ୍ରସ୍ତର ରଖିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ ଆପଣ ଉକ୍ତ ଗେଷ୍ଟ୍ ହାଉସ୍‌କୁ ନିଜ ସ୍ଥାନୀୟ ଖର୍ଚ୍ଚ ଦ୍ୱାରା ନିର୍ମାଣ କରନ୍ତୁ ।

ସିଡ୍‌ନିସ୍ ସହର ସହିତ ସଂଲଗ୍ନ ଇଲାକାରେ ଯମାତ୍‌ର ସେଂଟର୍ ଏବଂ ମସ୍‌ଜିଦ୍ ବଇତୁଲ୍ ହୁଦା ଗୋଟିଏ ବ୍ୟାପକ ଓ ପ୍ରସସ୍ତ ଭୂଖଣ୍ଡ ଉପରେ ଅବସ୍ଥିତ । ହଜୁର୍ ଅନୁଓ୍ୱର୍ ଅମୀର୍ ସାହେବ୍‌ଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ ଆପଣଙ୍କ ପାଖରେ ଯାଗାର ଗୋଟିଏ ବଡ଼ ଭାଗ ଖାଲି ପଡ଼ିଛି । ଆପଣ ସେଠରେ ଯୋଜନା କରି ଗୋଟିଏ ସ୍ଥାନ ନିରୂପଣ କରି ଘର ବନାନ୍ତୁ । ଏହିପରି ମସ୍‌ଜିଦ୍ ନିକଟରେ ଅହେମଦୀମାନେ ଆବାଦ ହୋଇଯିବ । ଗୋଟିଏ ଭାଗ ୫-୬ ଏକର ସ୍ଥାନ ନିରୂପଣ କରି ତାକୁ ରେସିଡେନ୍‌ସିଆଲ୍ ଏରିୟା ବନାନ୍ତୁ । ସରକାରଙ୍କ ସହିତ ସମ୍ପର୍କୀୟ କାର୍ଯ୍ୟାଳୟରେ କଥାବାର୍ତା କରି ଉକ୍ତ ଇଲାକାକୁ ରେସିଡେନ୍‌ସିଆଲ୍ ଏରିୟାରେ ପରିଣତ କରିବା ପାଇଁ ଚେଷ୍ଟା କରନ୍ତୁ । ଏହିପରି ଆପଣ ସେଠାରେ ୩୦-୪୦ ଟି ଘର ନିର୍ମାଣ କରିପାରିବେ । ଯଦି ଏହା ଆପଣ ଚେଷ୍ଟା କରି କରିପାରିବେ ତେବେ କରାଇ ନିଅନ୍ତୁ । ଏହିପରି ଲୋକମାନେ ମସ୍‌ଜିଦ୍ ସହିତ ଯୋଡି ହୋଇ ରହିପାରିବେ । ସେହି ଘରଗୁଡିକେ ଯିବା ଆସିବାର ରାସ୍ତା ସମ୍ପୂର୍ଣ୍ଣ ରୂପେ ଅଲଗା ହେବା ଉଚିତ୍ । ବାକି ଅନ୍ୟାନ୍ୟ କାର୍ଯ୍ୟାଳୟ ଇତ୍ୟାଦି ଆପଣ ଯେଉଁଠାରେ ତିଆରି କରିବାକୁ ଚାହାଁନ୍ତି ତିଆରି କରନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସ୍ଥାନୀୟ ଆର୍କିଟେକ୍‌ସଙ୍କୁ ସମ୍ପୃକ୍ତ କରାନ୍ତୁ । ସ୍ଥାନୀୟ ଆର୍କିଟେକ୍ସ୍ ରଖିବା ଦ୍ୱାରା ଏ ସୁବିଧା ହେବ ଯେ ବେଳେବେଳେ ସେମାନେ ଆସନ୍ତାକୁ କାଉନ୍‌ସିଲ୍ ବା ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟରୁ ନିଜେ ଅନୁମୋଦନ ନେଇପାରିବେ ଏବଂ ନିଜେ ଏଥିପାଇଁ ଚେଷ୍ଟା କରିପାରିବେ ।

କାନ୍‌ବେରା (Canberra) ରେ ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ବ୍ୟବସ୍ଥାପକ ହିଦାୟତ୍ ପ୍ରଦାନ କଲେ । ପୁଣି କହିଲେ ଯେ ନିର୍ମାଣ ପାଇଁ ଯେଉଁ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଛି ଯଦି ସେହି ସମୟ ଭିତରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଏ ତେବେ ପୁଣି ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ବ୍ୟାପକ ହୋଇଯାଏ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏଠିକାର ମସ୍‌ଜିଦ୍ ମଧ୍ୟ ନିଜ ସାଧନ ଦ୍ୱାରା ନିର୍ମାଣ କରିବାକୁ ହେବ । ଏହାକୁ ବିଭିନ୍ନ କିସ୍ତିରେ ନିର୍ମାଣ କରନ୍ତୁ । କିନ୍ତୁ ନିଜ ସାଧନ ଦ୍ୱାରା ହିଁ କରନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ସବୁତକ ଯୋଜନା ନିଜ ଆମେଲାରେ ରଖନ୍ତୁ । ଏବଂ ପୁଣି ଏହାକୁ ଭିନ୍ନ ଭିନ୍ନ କିସ୍ତିରେ ନିର୍ମାଣ କରିବା ବିଷୟରେ ଅନୁଧ୍ୟାନ କରନ୍ତୁ ଓ ପୁଣି ନିର୍ମାଣ କରନ୍ତୁ ।

ଏହାପରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ଜାମାଇକା ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଦଫ୍‌ତରି

ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ......

**ପୃଷ୍ଠା-୧ ର ଅବଶିଷ୍ଟାଂଶ.......**

ସହିତ ଆମର ସମ୍ପର୍କ ୨୦୧୫ର ଅଗରବ୍ ବୁକ୍ ଫେୟାର୍ ଠାରେ ହୋଇଥିଲା । ଏହାପରେ ମିଶନ୍ ସହିତ ସମ୍ପର୍କ ସ୍ଥାପନ ହେଲା ଓ ଯମାତ୍ର ଲିଟେରେଚର ଗୁଡ଼ିକ ପଢ଼ିବାର ସୁଯୋଗ ମିଳିଲା । ୨୦୧୬ ରେ ଜଲସା ସାଲାନା ୟୁକେ ମଧ୍ୟ ଯାଇଥିଲୁ, ଯେଉଁଠି ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଲୁ । ଅହେମଦୀୟା ମିଶନ୍ କ୍ରୋରୋସିଆ ସହିତ ସର୍ବଦା ସମ୍ପର୍କରେ ରହିଲୁ । ଜୁମା ନମାଜ, ଇଦ୍ ନମାଜ୍ ନିମନ୍ତେ ଆମେ ଯମାତ୍ ଅହେମଦୀୟା କ୍ରୋରୋସିଆ ମିଶନ୍ ଯାଉଥିଲୁ । ପୁଣି ୨୦୧୭ ରେ ଜଲସା ସାଲାନା ୟୁକେ ରେ ପୁନର୍ବାର ସାମିଲ୍ ହେବାପାଇଁ ସୌଭାଗ୍ୟ ମିଳିଲା । କିନ୍ତୁ ଏ ଜଲସାରେ ଆମେ ଅହେମଦୀ ରୂପେ ସାମିଲ୍ ହୋଇଥିଲୁ । ଯମାତ୍ର ବାର୍ତ୍ତାର ପ୍ରଚାର ପ୍ରସାର ସହିତ କ୍ରୋରୋସିଆରେ ହ୍ୟୁମାନିଟି ଫାର୍ଷ୍ଟ ଅନ୍ତର୍ଗତ ମାନବସେବା ନିମନ୍ତେ ଉଦ୍ଦିଷ୍ଟ ବହୁତ ଗୁଡିକ ପ୍ରୋଜେକ୍ଟ ଏ ଅଧମର ଦାୟିତ୍ୱରେ ଅଛି । କେବଳ ଅଲ୍ଲାଃତାଲାଙ୍କ କୃପାବଳରୁ ଯମାତ୍ ଅହେମଦୀୟା କ୍ରୋରୋସିଆରେ ବହୁତ ନାଁ କମଉଛି । ଅହେମଦୀ ହୋଇଯିବା ପରେ ମୁଁ ଓ ମୋର ସ୍ତ୍ରୀଙ୍କ ଭୀଷଣ ଇଛା ଥିଲା ଯେ ଆମେ କିପରି ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ବସ୍ତିକୁ ଦେଖିବୁ । ଏବର୍ଷ ଜଲସା ସାଲାନା କାଦିଆନ୍ରେ ସାମିଲ୍ ହେବା ଦ୍ୱାରା ଅଲ୍ଲାଃତାଲା ଆମର ଉକ୍ତ ଇଛା ମଧ୍ୟ ପୂରଣ କରିଦେଲେ । ଅଲହମ୍ଦୋଲିଲ୍ଲାଃ । ଦିଲ୍ଲୀ ଏବଂ କାଦିଆନ୍ରେ ରହଣି ସମୟରେ ଆମ ସହିତ ଯେଉଁ ପ୍ରକାର ପ୍ରେମ ଓ ନିଷ୍ଠାର ସହିତ ବ୍ୟବହାର କରାଗଲା ଏବଂ ଯେଉଁ ପ୍ରକାର ଉତମ ଶୈଳୀରେ ଆମର ଧ୍ୟାନ ରଖାଗଲା ସେଥିପାଇଁ ଆମେ ସମସ୍ତ ଓ୍ୱହଦାଦାର୍ ଗଣ ଓ ଅନ୍ୟ ସେବାକାରୀ ମାନଙ୍କୁ ହୃଦୟର ଅନ୍ତରରୁ କୃତଜ୍ଞତା ଜ୍ଞାପନ କରୁଅଛୁ । ଆପଣମାନେ ଏହି ପବିତ୍ର ବସ୍ତିରେ ରହୁଛନ୍ତି । ସେଥିଯୋଗୁ ଆପଣ ବହୁତ ସୌଭାଗ୍ୟବାନ୍ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଆନନ୍ଦିତ ରଖନ୍ତୁ । କାଦିଆନ୍ର ନାମ ଓ ଏହାର ପ୍ରତିଷ୍ଠା ଦୁନିଆରେ ଉଚ୍ଚରୁ ଉଚ୍ଚତର ହୋଇଚାଲୁ । ଆମିନ୍ !

**ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍ଲାସ୍**

ଦ୍ୱିତୀୟ ଦିନର ଦ୍ୱିତୀୟ ଇଜ୍ଲାସ୍ର କାର୍ଯ୍ୟକ୍ରମ ମୋକରମ୍ ମୁହମ୍ମଦ୍ ଶରିଫ୍ ଅଓ୍ୱଦାଃ ସାହେବ୍ ଅମୀର୍ ଯମାତ୍ ଅହେମଦୀୟା ପାଲେଷ୍ଟାଇନ୍ଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । ଏହି ଇଜ୍ଲାସ୍ ଜଲସାର ପ୍ରଥା ଅନୁସାରେ ସର୍ବଧର୍ମ ଶାନ୍ତି ସମ୍ମିଳନୀ ରୂପେ ଅନୁଷ୍ଠିତ ହୁଏ, ଯେଉଁଥିରେ ବିଶେଷ ରୂପେ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ରାଜନୈତିଜ୍ଞ, ସମାଜସେବକ ଓ ଧାର୍ମିକ ନେତାମାନେ ସାମିଲ୍ ହୋଇଥାନ୍ତି ଓ ନିଜର ଭାବନାକୁ ବ୍ୟକ୍ତ କରିଥାନ୍ତି । ଇଜ୍ଲାସ୍ର କାର୍ଯ୍ୟକ୍ରମ ପବିତ୍ର କୋରାନ୍ର ତିଲାଓ୍ୱତ୍ରୁ ଆରମ୍ଭ ହେଲା । ମୋକରମ୍ ହାଫିଜ୍ ଅବ୍ଦୁସ୍ ସଲାମ୍ ସାହେବ୍ ଯାମିଆ ଅହେମଦୀୟା ରବ୍ୱା ପାକିସ୍ତାନ୍ର ଶିକ୍ଷାର୍ଥୀ ସୁରା ବକ୍ରା ଆୟତ ନଂ ୨୮୫-୨୮୭ ତିଲାଓ୍ୱତ୍ କଲେ, ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ଶେଖ୍ ମୁଜାହିଦ୍ ଅହେମଦ୍ ଶାସ୍ତ୍ରି ସାହେବ୍ ଏଡିଟର୍ ଅଖ୍ବାର୍ ବଦର୍ ହିନ୍ଦୀ, ହିନ୍ଦୀ ଭାଷାରେ ପଢ଼ି ଶୁଣାଇଲେ । ଏହାପରେ ମୋକରମ୍ ରିଜୁଆନ୍ ଅହେମଦ୍ ଜଫର୍ ସାହେବ୍ ମୁରବୀ ସିଲସିଲା କାଦିଆନ୍ ଏବଂ ତାଙ୍କର ସାଥିଗଣ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଙ୍କ ମଞ୍ଜୁମ୍ କଲାମ୍

''ଆପନେ ଦେଶ୍ ମେ ଆପ୍ନି ବସ୍ତି ମେ
ଇକ୍ ଅପ୍ନା ଭି ଘର୍ ଥା''

ତରାନା (ସମବେତ କଣ୍ଠରେ) ପଢ଼ି ଶୁଣାଇଲେ । ଜଲ୍ସାର ସଭାପତି ମହୋଦୟ ସୟଦ୍ନା ହଜରତ୍ ମସିହ୍ ମଉଦ୍ ଆ:ସ ସେହି ପ୍ରାର୍ଥନା ଯାହାକୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଖୁତ୍ବା ଜୁମା ପ୍ରଦତ ୨୯ ଡିସେମ୍ବର୍ ୨୦୧୭ରେ ପଢ଼ି ଶୁଣାଇଥିଲେ, ସେହି ଦୁଆକୁ ସେ ପଢ଼ି ଶୁଣାଇଲେ । ଏବଂ ଶ୍ରୋତାଗଣଙ୍କୁ ମଧ୍ୟ ଅନୁରୋଧ କଲେ ଯେ ଉକ୍ତ ଦୁଆ ତାଙ୍କ ସହିତ ଦୋହରାଇବା ପାଇଁ ।

ଏହି ଇଜ୍ଲାସ୍ରେ ଗୋଟିଏ ମାତ୍ର ଭାଷଣ ଥିଲା, ଯାହାକୁ ମୋକରମ୍ ମୌଲବୀ ଜ୍ଞାନୀ ତନଓ୍ୱିର୍ ଅହେମଦ୍ ଖାଦିମ୍ ସାହେବ୍ ନାଏବ୍ ନାଜିର୍ ଦାଓ୍ୱତେ ଇଲଲ୍ଲାଃ ମର୍କଜିୟାଃ ''ମଉଦେ ଅକ୍ଓ୍ୱାମେ ଆଲମ୍'' ବିଷୟରେ ପଞ୍ଜାବୀ ଭାଷାରେ କଲେ । ସେ ସୁରା ତୌବା ର ଆୟତ ନଂ-୩୩ ପାଠ କଲେ ଓ ଏହାର ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ଏହାପରେ ଭଗବତ ଗୀତା ଅଧ୍ୟାୟ-୪ ଶ୍ଳୋକ ନଂ ୭ ଓ ୮ ପଢ଼ି ଶୁଣାଇଲେ ଓ କହିଲେ ଯେ ଯୁଗ ଅନୁସାରେ ଅଧର୍ମ ବ୍ୟାପିଥାଏ । ଲୋକମାନେ କୁକର୍ମ ଓ ଦୁଷ୍କର୍ମର ସୀମା ଲଂଘନ କରିଥାନ୍ତି । ପାପ ଓ ଅଶ୍ଳୀଳତା ଚାରିଆଡ଼େ ବ୍ୟାପିଯାଏ । ଧର୍ମଶିକ୍ଷାର କୌଣସି ସମ୍ମାନ ରହେନାହିଁ । ସେ ପୁଣି କହିଲେ ଯେ ଶିଖ୍ ମାନଙ୍କର ଧର୍ମ ପୁସ୍ତକ ଗୁରୁଗ୍ରନ୍ଥ ସାହେବ୍ରେ ମଧ୍ୟ ଏହି କୁକର୍ମ ବିଷୟରେ ଲିପିବଦ୍ଧ ଅଛି । ସେହିପରି ହିନ୍ଦୁଧର୍ମରେ ମଧ୍ୟ ଓ ପୁରାଣରେ ମଧ୍ୟ ଏହି କଳିଯୁଗର ଲକ୍ଷଣ ଗୁଡିକ ବର୍ଣ୍ଣନା କରାଯାଇଛି, ଯାହାର ସଂକ୍ଷିପ୍ତ ବିବରଣୀ ମହାଭାରତରେ ଲେଖାଯାଇଛି । ସେହିପରି ୟହୁଦି ଓ ଇସାଇ ଧର୍ମରେ ମଧ୍ୟ ଏହି ଶେଷଯୁଗର ଅବସ୍ଥା ବର୍ଣ୍ଣନା କରାଯାଇଛି । ପୁଣି ସେ କହିଲେ ଯେ ପ୍ରତ୍ୟେକ ଧର୍ମ ଏହି କଳିଯୁଗ ବିଷୟରେ ନିଜ ନିଜର ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଏବଂ ସେଥିରେ ଏହା ମଧ୍ୟ ଲେଖାଯାଇଛି ଯେ ଏହି ପାପ ଓ କୁକର୍ମଗୁଡିକୁ ଦୂର କରାଇବା ନିମନ୍ତେ ଜଣେ ଅବତାର ଅବତୀର୍ଣ୍ଣ ହେବେ । ଯାହାକୁ ମଉଦେ ଅକ୍ଓ୍ୱାମେ ଆଲମ୍ ଅର୍ଥାତ୍ ସାରା ପୃଥିବୀଙ୍କ ପାଇଁ ଜଣେ ସଂସ୍କାରକ ନାମରେ ନାମିତ ହେବେ । ଇସ୍ଲାମ୍ ଧର୍ମରେ ମଧ୍ୟ ଏହି ଶେଷ ଯୁଗରେ ଜଣେ ଇମାମ୍ ମେହେଦୀ ଓ ମସିହ୍ଙ୍କ ଆସିବାର ସୁସମାଚାର ଦିଆଯାଇଛି । ଏବଂ ଏ ଅଧମ ଏହା ବତାଇବାକୁ ଚାହେଁ ଯେ ସେହି ଶେଷ ନବୀ ଯାହାଙ୍କର ସୁସମାଚାର ବନି ଇସ୍ରାଇଲର ନବୀମାନେ ଓ ମସିହ୍ ନାସିର୍ ଓ ହଜ୍ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଦେଇଥିଲେ, ସେ ଆସି ସାରିଛନ୍ତି । ଏବଂ ସେ ହେଉଛନ୍ତି ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନି ମସିହ୍ ମଉଦ୍ ଓ ମେହଦୀ ମାହୁଦ୍ ଆ:ସ । ଯାହାଙ୍କର ଜନ୍ମ ୧୩ ଫେବୃଆରୀ ୧୮୩୫ ମସିହାରେ କାଦିଆନ୍ ଗ୍ରାମରେ ହୋଇଥିଲା । ସେ ନିଜର ମଞ୍ଜୁମ୍ କଲାମ୍ରେ କହୁଛନ୍ତି-

ମୈଁ ଓ୍ୱହ୍ ପାନି ହୁଁ କେ
ଆୟା ଆସ୍ମାସେ ଓ୍ୱକ୍ତ ପର୍
ମୈଁ ଓ୍ୱହ୍ ହୁଁ ନୁରେ ଖୁଦା
ଜିସ୍ ସେ ହୁଆ ଦୀନ୍ ଆସ୍କାର୍

ହଜ୍ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ମୋତେ ଖୁଦାଙ୍କ ପବିତ୍ର ଓ୍ୱହି (ଐଶିବାଣୀ) ଦ୍ୱାରା ସୂଚିତ କରାଯାଇଛି ଯେ ମୁଁ ତା ତରଫରୁ ମସିହ୍ ମଉଦ୍ ଓ ମେହ୍ଦୀ ମାହୁଦ୍ ଓ ଅନ୍ତ ଓ ବାହ୍ୟ ବିଶୃଙ୍ଖଳାର ହକମ୍ (ବିଚାରକ) ଅଟେ । ତାଙ୍କ ମୁକାବିଲାରେ ବଡ଼ ବଡ଼ ଓ୍ୱଲେମା ଛିଡ଼ା ହେଲେ କିନ୍ତୁ ସମସ୍ତେ ଅସଫଳ ହେଲେ । ପୁଣି ସେ କହିଲେ ଯେ ଏ ଯମାତ୍ର ମୂଳଦୁଆ ୧୮୮୯ ମସିହାରେ ଲୁଧିଆନାଠାରେ ରଖାଯାଇଥିଲା । ସେ ସମୟରେ ୪୦ ଜଣ ନିଷ୍ଠାବାନ୍ ତାଙ୍କ ହାତରେ ବୟତ କରିଥିଲେ । ବର୍ତମାନ ଯମାତ୍ର ସଦସ୍ୟମାନଙ୍କ ସଂଖ୍ୟା କରୋଡ କରୋଡ଼ରେ ପହଂଚିସାରିଛି । ଯମାତ୍ର ଚାରା ୨୧୦ ଟି ଦେଶରେ ରୋପଣ ହୋଇସାରିଛି । ଯମାତ ଅହେମଦୀୟାର ବର୍ତମାନ୍ର ଇମାମ୍ ହଜ୍ରତ୍ ମିର୍ଜା ମସରୁର୍ ଅହେମଦ୍ ସାହେବ୍ ସାରା ଦୁନିଆରେ ଶାନ୍ତି ଓ ଭାଇଚାରାର ବାର୍ତା ବାଂଟିଚାଲିଛନ୍ତି । ସେ ଶେଷରେ ଯମାତ୍ ଅହେମଦୀୟାର ଉନ୍ନତି ଓ ସଫଳତା ପ୍ରସଙ୍ଗରେ ମସିହ୍ ମଉଦ୍ ଆ:ସଙ୍କ କିଛି ନିତୀବାଣି ପଢ଼ି ଶୁଣାଇଲେ ।

ଏହି ତକରୀର୍ ପରେ ନିମ୍ନଲିଖିତ ରାଜନୈତିଜ୍ଞ ଓ ଧାର୍ମିକ ଲିଡର୍ମାନେ ନିଜର ଭାବନାକୁ ବ୍ୟକ୍ତ କଲେ ।

(୧)ଜନାବ୍ ଫତେହ୍ଜଙ୍ଗ୍ ସିଂ ବାଜ୍ଓ୍ୱା (ଏମ୍.ଏଲ୍.ଏ କାଦିଆନ୍): ସଭାପତି ମହୋଦୟ ଓ ଜଲ୍ସାରେ ଉପସ୍ଥିତ ଶ୍ରୋତାଗଣଙ୍କୁ ସଲାମ୍ କଲେ ଓ କହିଲେ ଯେ ତାଙ୍କ କୁଟୁମ୍ବର ବିଗତ ୭୦ ବର୍ଷ ହେବ ଯମାତ୍ ଅହେମଦୀୟା ସହିତ ବହୁତ ପ୍ରେମଭରା ସମ୍ପର୍କ ରହିଛି । ଯମାତ୍ର ଲୋକମାନଙ୍କ ସହିତ ଅତି ସ୍ନେହର ସମ୍ବନ୍ଧ ରହିଛି । ମୁଁ ବହୁତ ଗର୍ବିତ ଯେ ଏହି କାଦିଆନ୍ର ମୁଁ ନିବାସୀ ଅଟେ । ଯେଉଁଠାରେ ଅହେମଦୀୟତ୍ର ମୂଳଦୁଆ ପଡ଼ିଛି । ଏ ହେଉଛି ସେହି ପବିତ୍ର ଭୂମି । ଶେଷରେ ସମସ୍ତ ଅତିଥିଗଣଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କର ଶୁଭକାମନା କଲେ ।

(୨)ମୋକରମ୍ ସୁନିଲ୍ ଜାଖଡ୍ ସାହେବ୍ (ସଭାପତି କଂଗ୍ରେସ ପାର୍ଟି ପଞ୍ଜାବ ପ୍ରଦେଶ ଓ ଏମ୍.ପି ଗୁର୍ଦାସ୍ପୁର୍): ସେ ସଭାପତି ମହୋଦୟ ଓ ଜଲ୍ସାରେ ଉପସ୍ଥିତ ଲୋକମାନଙ୍କୁ ସଲାମ୍ କଲେ ଓ ୧୨୩ତମ ଜଲସା ସାଲାନାର ଶୁଭେଚ୍ଛା ଜଣାଇଲେ ଓ କହିଲେ ଯେ ମୁଁ ଆଜି ଏଠାକୁ ପ୍ରଥମ ଥର ପାଇଁ ଆସିଛି ଏହା ମୋ ପାଇଁ ବଡ ଗୌରବର ବିଷୟ । ଏଠାରେ ମାନବିକତା ଜିନ୍ଦାବାଦ୍ର ନାରା ଲଗାଯାଉଛି, ତାହା ନିଜ ଭିତରେ ଏକ ବିଶେଷତ୍ୱ ରଖିଛି । ମୁଁ କେବେ ମୋ ଜୀବଦଶାରେ କାହାକୁ ଇନ୍ସାନିୟତ୍ ଜିନ୍ଦାବାଦ୍ (ମାନବିକତା ଜିନ୍ଦାବାଦ୍)ର ନାରା ଲଗାଇବାର ଦେଖିନାହିଁ ନା ଶୁଣିନାହିଁ । ବାସ୍ତବିକ ଏହାବଡ଼ ଅନୁପମ । ଏହି ଶାନ୍ତିପ୍ରିୟ ଯମାତ୍ ଉପରେ କଦାପି ସୂର୍ଯ୍ୟ ଅସ୍ତ ହୋଇପାରିବ ନାହିଁ । ଯମାତ୍ ଯେଉଁ ପ୍ରଚେଷ୍ଟା କରିଚାଲିଛି ତାହା ପ୍ରଶଂସନୀୟ ଅଟେ । ଏ ଯମାତ୍ ଘୃଣାର ଝଡ଼କୁ ରୋକିବା ପାଇଁ ଯେଉଁ ମହାନ୍ କାମ କରୁଅଛି ତାହା ବି ଅତି ପ୍ରଶଂସନୀୟ । ଶେଷରେ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ।

(୩)ଜନାବ୍ ସେଓ୍ୱା ସିଂ ସେଖୁଆଁ ସାହେବ୍ (ପୂର୍ବତନ ଏମ୍.ଏଲ୍.ଏ କାଦିଆନ୍): ସେ ମଧ୍ୟ ଜଲସାର ସଭାପତି ମହୋଦୟ ଓ ଶ୍ରୋତାଗଣଙ୍କୁ ସଲାମ୍ କହି କହିଲେ ଯମାତ୍ ଇସ୍ଲାମ୍ର ଶାନ୍ତିପ୍ରିୟ ଶିକ୍ଷାକୁ ପ୍ରସାରିତ କରିଚାଲିଛି । ଶିଖ୍ ଧର୍ମରେ ମଧ୍ୟ ଇସ୍ଲାମ୍ ସହିତ ବହୁତ ଗଭୀର ସମ୍ପର୍କ ଅଛି । ଯେବେଯେବେ ଶିଖ୍ ଧର୍ମ ଉପରେ କୌଣସି ପ୍ରକାର ଅସୁବିଧା ଆସିଛି ସେତେବେଳେ ମୁସଲ୍ମାନ ମାନେ ଶିଖ୍ ଗୁରୁମାନଙ୍କୁ ସାହାଯ୍ୟ ସହଯୋଗ କରିଛନ୍ତି । ଶିଖ୍ଧର୍ମରେ ଏହାର ଅନେକ ଦୃଷ୍ଟାନ୍ତ ମିଳେ । ଗୁରୁ ଗୋବିନ୍ଦ ସିଂ ଜି ଙ୍କୁ ଅନେକଥର ମୁସଲ୍ମାନମାନେ ସାହାଯ୍ୟ କରିଛନ୍ତି । ସେତେବେଳେ ଧର୍ମ ଧର୍ମ ମଧ୍ୟରେ ଆପୋଷରେ ବହୁତ ପ୍ରେମଭାବ ଥିଲା । ହର୍ମନ୍ଦିର୍ ସାହେବ୍ ଯାହା ଶିଖ୍ ମାନଙ୍କର ପବିତ୍ର ସ୍ଥାନ ଅଟେ ଏହାର ମୂଳଦୁଆ ଜଣେ ମୁସଲ୍ମାନ୍ ରଖିଥିଲେ ଯଦ୍ୱାରା ନିଜ ଭିତରେ ଭାଇଚାରା ଓ ମାନବିକତା ଉନ୍ନତି କରିଚାଲିବ । ଏ ଯମାତ୍ ଯେଉଁ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ସାରା ସଂସାରରେ ପ୍ରସାର କରିଚାଲିଛି ତାହା ପ୍ରଶଂସନୀୟ ଅଟେ । ଏ ଜଲସାର ଯେତେବି ପ୍ରଶଂସା କଲେ ତାହା କମ୍ ଅଟେ । ଯମାତ୍ ଆଜି ସମସ୍ତ ଧର୍ମକୁ ଗୋଟିଏ ପ୍ଲାଟ୍ଫର୍ମରେ ଆଣି ଛିଡ଼ା କରିଛି । ଶେଷରେ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବକ୍ତବ୍ୟ ଶେଷ କଲେ ।

(୪)ଜନାବ୍ ତେକ୍ଶନ୍ ସୁଦ୍ ସାହେବ୍ (ବରିଷ୍ଠ ନେତା ବିଜେପି): ସେ ସଭାପତି ମହୋଦୟ ଓ ସଭା ସଜ୍ଜନ ବୃନ୍ଦଙ୍କୁ ସଲାମ୍ କଲେ ଓ କହିଲେ ମୁଁ ପୂର୍ବରୁ ମଧ୍ୟ ଜଲ୍ସାରେ ସାମିଲ୍ ହୋଇଛି । କାଦିଆନ୍ ହେଉଛି ଏକ ପବିତ୍ର ସ୍ଥାନ । ଏଠାରେ ସମସ୍ତେ ପ୍ରେମ, ସ୍ନେହ ଓ ଭାଇଚାରାର କଥା କୁହନ୍ତି । ଆଜିର ସମୟରେ ସମସ୍ତ ଧର୍ମ ଜଣେ ଅନ୍ୟଜଣଙ୍କ ଠାରୁ ବଢ଼ିଯିବା

ପାଇଁ ଚାହାଁନ୍ତି । କିନ୍ତୁ ମାନବିକତାକୁ କେହି ବଢ଼ାଇବାକୁ ଚାହୁଁନାହାଁନ୍ତି । ମାନବିକତା ହେଉଛି ସେହି ଧର୍ମ ଯିଏ ପ୍ରେମର ନିର୍ଦ୍ଦେଶ ଦିଏ । 'ମହବତ୍ ସବ୍ କେ ଲିଏ, ନଫରତ୍ କିସିସେ ନେହିଁ' ର ନାରା ଇନ୍‌ସାନିୟତ୍‌ର ନାରା ଦିଏ । ଯମାତ୍ ଅହେମଦୀୟାର ଲୋକମାନେ ବିଭିନ୍ନ ଦେଶରେ ମୋ ସହିତ ମିଶିଥାନ୍ତି । ସେମାନେ ପ୍ରତ୍ୟେକ ସ୍ଥାନରେ ପ୍ରେମର ବାର୍ତ୍ତାକୁ ଦିଅନ୍ତି । ଏ ଦୁନିଆରେ ଶାନ୍ତି ସ୍ଥାପନ କରିବା ପାଇଁ ଯମାତ୍‌ର ବହୁତ ବଡ଼ ଅବଦାନ ରହିଛି । ଏଠାରେ ଯେଉଁ ସବୁ ଲୋକମାନେ ଏକାଠି ହୋଇଛନ୍ତି ସେମାନେ ସମସ୍ତେ ଜଣେ ଜଣେ ଉଦାହରଣୀୟ ବ୍ୟକ୍ତି ଅଟନ୍ତି । ଆଜିର ଏହି ଦିନ ବହୁତ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ । ଆପଣମାନଙ୍କୁ ଏହି ଖୁସିର ଅବସରରେ ଅନେକ ଅନେକ ଶୁଭେଚ୍ଛା । ଯମାତ୍ ନିଜର ଶାନ୍ତି ଯୋଜନାରେ ସଫଳ ହେଉ । ଏହା ମୋର ପ୍ରାର୍ଥନା ।

(୫)ଜନାବ୍ ରାଜ୍ କୁମାର୍ ଓ୍ୱେରକା ସାହେବ୍ (ପୂର୍ବତନ ଏମ୍.ଏଲ୍.ଏ ଅମୃତସର): ସେ ସମସ୍ତଙ୍କୁ ସଲାମ୍ କଲେ ଓ ସ୍ୱାଗତ ଜଣାଇଲେ । ପୁଣି କହିଲେ ଏ ଜଲ୍‌ସାରେ ମାନବତାର ଯେଉଁ ଶିକ୍ଷା ଦିଆଯାଉଅଛି ତାହା ବହୁତ ଉଚ୍ଚକୋଟୀର । ଆପଣମାନେ ବଡ଼ ସୌଭାଗ୍ୟଶାଳୀ ଅଟନ୍ତି, ଯେଉଁମାନେ ଆଜି ଏଠିକାର ଶାନ୍ତିପ୍ରିୟ ପରିବେଶ ଓ ପବିତ୍ର ବସ୍ତିରେ ଏକତ୍ରିତ ହୋଇଅଛ । ଆପଣମାନେ ଇନ୍‌ସାନିୟତ୍‌ର ଯେଉଁ ବାର୍ତ୍ତା ଦେଇଚାଲିଛନ୍ତି ତାହା ସବୁଠାରୁ ବଡ଼ ବାର୍ତ୍ତା ଅଟେ । ଏହି ପଞ୍ଜାବ୍ ଭୂମିକୁ ସାରା ଦୁନିଆର ଲୋକମାନେ ଆସିଛନ୍ତି, ଏହା ହେଉଛି ଶାନ୍ତି ଓ ପ୍ରେମର ଭୂମି । ନିଜ ନିଜ ଭିତରେ ଭାଇଚାରା ସ୍ଥାପନ କରିବାର ଭୂମି ପବିତ୍ର ଭୂମି । ମୁଁ ଆପଣ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ଯେ ମୋତେ ଏହି ପ୍ରେମପୂର୍ଣ୍ଣ ପରିବେଶରେ ଯୋଗଦେବାପାଇଁ ଆପଣମାନେ ନିମନ୍ତ୍ରଣ ଦେଇଛନ୍ତି । ବର୍ତ୍ତମାନ ସମୟରେ ଚାରିଆଡ଼େ ଧର୍ମର ଦୋକାନ୍ ଲାଗିଛି । କିନ୍ତୁ ବାସ୍ତବରେ କେବଳ ମାନବ ଧର୍ମର ଆବଶ୍ୟକତା ରହିଛି । ଧର୍ମର ସବୁ ଦୂରତା (ଭେଦଭାବ) ନିଜ ଭିତରେ ମିଳିମିଶି ସମାଧାନ କରାଯାଇପାରିବ । କାଦିଆନ୍‌ର ପବିତ୍ର ଭୂମିରେ ସବୁ ଧର୍ମକୁ ସମ୍ମାନ ଦିଆଯାଏ । ମାନବସେବା କରୁଥିବାରୁ ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

(୬)ଶ୍ରୀଯୁକ୍ତ ସ୍ୱାମୀ ସୁଶୀଲ୍ ସାହେବ୍ (କନ୍‌ଭେଂଟର୍ ନ୍ୟାସ୍‌ନାଲ୍ ଧରମ୍ ଦିଲ୍ଲୀ): ଜଲ୍‌ସାରେ ଉପସ୍ଥିତ ସମସ୍ତଙ୍କୁ ବହୁତ ବହୁତ ଶୁଭେଚ୍ଛା ଓ ସମସ୍ତଙ୍କୁ ପ୍ରେମଭରା ସଲାମ୍ । ଆପଣମାନେ ଯେଉଁ ନାରା ଲଗାଉଛନ୍ତି ସେହି ନାରା ଆମ ସମସ୍ତଙ୍କ ହୃଦୟକୁ ଛୁଇଁସାରିଛି । ଏହି ମାନବିକତାର ଜଲ୍‌ସା ସବୁଧର୍ମକୁ ଏକାଠି କରିବାର ଜଲ୍‌ସା ଅଟେ । ଯମାତ୍ ଅହେମଦୀୟା ଏପରି ଗୋଟିଏ ଯମାତ୍ ଅଟେ ଯିଏ ସମସ୍ତଙ୍କ ସହିତ ସଂଯୋଗ ହୋଇ ଚାଲିଛି । ମାନବିକତାର ବାସ୍ତବିକ ସ୍ୱରୂପକୁ ସମଗ୍ର ଭାରତ ବର୍ଷରେ କେବଳ ଯମାତ୍ ଅହେମଦୀୟା ହିଁ ଉପସ୍ଥାପନ କରୁଅଛି । ଏହା ଏପରି ଏକ ଯମାତ୍ ଯିଏ ଅନ୍ୟ ଧର୍ମର ପ୍ରତିଷ୍ଠାତାମାନଙ୍କୁ ସମ୍ମାନ ଦେବାପାଇଁ ବାର୍ତ୍ତା ଦେଉଛି, ଯାହା ବର୍ତ୍ତମାନ ସମୟରେ ସବୁଠାରୁ ଆବଶ୍ୟକ ମଧ୍ୟ ଅଟେ । ଆପଣଙ୍କ ଯମାତ୍ ଶାନ୍ତିର ଖୋଲା ପୁସ୍ତକ ଅଟେ । ଯେଉଁସବୁ ପୁଣ୍ୟକାର୍ଯ୍ୟ ଆପଣମାନେ କରୁଛନ୍ତି ସେଥିଯୋଗୁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି । ଏହା ବହୁତ କଠିନ କାର୍ଯ୍ୟ, ଯାହାକୁ ଅନ୍ୟ କେହି କରିପାରିବେ ନାହିଁ । ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଏହି ଛୋଟ ଗ୍ରାମରେ ଜନ୍ମ ହୋଇ ସାର ସଂସାରରେ ପ୍ରେମ ଓ ଶାନ୍ତିର ବାର୍ତ୍ତାକୁ ପ୍ରସାର କରିଦେଲେ । ପ୍ରକୃତ ଇସ୍‌ଲାମ୍‌କୁ ଯଦି କେହି ମାନୁଥାଏ ତେବେ ସେ ହେଉଛନ୍ତି ଆପଣମାନେ । ବହୁତ ଗଏର୍ ଅହେମଦୀ (ଅଣ ଅହେମଦୀ) ଲୋକେ ମୋତେ ଅହେମଦୀୟା ଫିର୍‌କାର ଲୋକମାନଙ୍କ ସହିତ ମିଶାମିଶି କରିବାରୁ ରୋକୁଛନ୍ତି । ଯେବେକି ଅହେମଦୀମାନେ ମୋତେ ସେମାନଙ୍କ ସହିତ ମିଶିବା ପାଇଁ ରୋକୁ ନାହାଁନ୍ତି । ତେବେ ମୋତେ ଅହେମଦୀୟଙ୍କ ସହିତ ମିଳିମିଶା କରିବା ପାଇଁ ସେମାନଙ୍କର ଏହି ମନୋଭାବ ଭୁଲ୍ ଅଟେ । ଯେତେବେଳେ ଅଧର୍ମ ବ୍ୟାପିଥାଏ ସେତେବେଳେ କେହି ନା କେହି ଅବତାର ଜନ୍ମ ହୋଇଥାନ୍ତି । ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଏବଂ ସ୍ୱାଗତ ଜଣାଉଛି ।

(୭)ଜନାବ୍ ରମେସ୍ କୁମାର ସାହେବ୍ (ହେଡ୍ ଦୁର୍ଗାନିଆ ମନ୍ଦିର୍, ଅମୃତସର): ସଭାପତି ମହୋଦୟ ଓ ଉପସ୍ଥିତ ସଭା ସଜ୍ଜନ ବୃନ୍ଦଙ୍କୁ ପ୍ରେମଭରା ସଲାମ୍ ଅର୍ପଣ କରୁଛି । ଆମେ ସନାତନ ଧର୍ମକୁ ମାନିବା ବାଲା ଯେଉଁମାନେ ସମସ୍ତଙ୍କ ପାଇଁ ଶାନ୍ତି ଓ ଭାଇଚାରାର ଶିକ୍ଷା ଦେଇଥାନ୍ତି । ଆମ ଧର୍ମରେ ଘୃଣାର କୌଣସି ସ୍ଥାନ ନାହିଁ । ମୁଁ ଏଠିକାର ସମସ୍ତ ଲୋକଙ୍କୁ ଆମ ଦୁର୍ଗାନିଆ ମନ୍ଦିରକୁ ଆସବା ପାଇଁ ନିମନ୍ତ୍ରଣ କରୁଅଛି । ଆପଣମାନେ ସେଠାକୁ ଆସନ୍ତୁ ଏବଂ ଦେଖନ୍ତୁ ଯେ ଆମେ ମାନବିକତାର କିପରି ସେବା କରୁଅଛୁ । ଏ ଯମାତ୍ ଯେପରି ବିଶ୍ୱ ସ୍ତରରେ ମାନବିକତା ନିମନ୍ତେ କାର୍ଯ୍ୟ କରୁଅଛି, ଆମେ ତ ସେ ସ୍ତରରେ ନାହୁଁ । ଯଦି ଈଶ୍ୱର ସମସ୍ତ ପ୍ରାଣୀ ଜଗତକୁ ଏକା ପରି ଜନ୍ମ ଦେଇଛି ତେବେ ଆମେ ବିଭାଜନ କରିବାକୁ କିଏ ? ନିଜ ଧର୍ମର ଶିକ୍ଷା ଉପରେ ନିର୍ଣ୍ଣିତ ରୂପରେ ପରିଚାଳିତ ହେବା ଉଚିତ୍ । ତତ୍‌ସହିତ ଅନ୍ୟଧର୍ମକୁ ମଧ୍ୟ ସମ୍ମାନ ଦେବା ଉଚିତ୍ । ଆଜି ଏ ଦୁନିଆରେ ମାନବିକତା ଶେଷ ହୋଇଯାଉଛି । ମୁଁ ଆପଣ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଯଦି ସବୁ ଧର୍ମର ଦାୟିତ୍ୱବାନ୍ ଲୋକମାନେ ପ୍ରେମ ଓ ଶାନ୍ତିର ବାର୍ତ୍ତା ଦେବେ ତେବେ ପୁଣି ମାନବିକତାର ଜୟଗାନ ହେବ । ଆମେ ପ୍ରତ୍ୟେକ କ୍ଷେତ୍ରରେ ଯମାତ୍ ଅହେମଦୀୟା ସହିତ ଅଛୁ । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

(୮)ଜନାବ୍ ସନ୍ତୁବାବା ଭାଇ ଜସ୍‌ପାଲ୍ ସିଂ ସାହେବ୍ :- ସଭାପତି ମହୋଦୟ ଓ ଉପସ୍ଥିତ ଭଦ୍ରମଣ୍ଡଳୀର ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ଆପଣ ସମସ୍ତଙ୍କୁ ଏଠାରେ ଗୋଟିଏ ସ୍ଥାନରେ ଦେଖି ମୁଁ ବହୁତ ଖୁସି ହେଉଛି । ଆମ ପାଇଁ ଏହା ବଡ଼ ଗର୍ବର ବିଷୟ ଯେ ଈଶ୍ୱର ତାର ଜଣେ ଅବତାରଙ୍କୁ ଏହି ପଞ୍ଜାବ ଭୂମିରେ ଜନ୍ମ ଦେଇଛନ୍ତି ଯିଏ ସାରା ଦୁନିଆରେ ମାନବିକତାର ବାର୍ତ୍ତା ଦେଇଛନ୍ତି । ଏବଂ ଯିଏ ପ୍ରତ୍ୟେକ ଧର୍ମକୁ ସମ୍ମାନ କରିବା ଶିଖାଇଛନ୍ତି । ଯମାତ୍ ଅହେମଦୀୟାର ବାର୍ତ୍ତା ସାରା ସଂସାରରେ ବ୍ୟାପିଚାଲିଛି । ଯେଉଁଦିନ ମୋତେ ଏହି ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦିଆଗଲା ସେଦିନଠାରୁ ମୁଁ ବଡ଼ ଉତ୍ସୁକତାର ସହିତ ଏହି ଦିନକୁ ଅପେକ୍ଷା କରିଥିଲି । ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଓ ଶୁଭେଚ୍ଛା ଜଣାଉଛି ଯେଉଁ ପ୍ରେମର ବାର୍ତ୍ତା ଏହି ପବିତ୍ର ଭୂମିରୁ ସାରା ପୃଥିବୀକୁ ଯାଉଛି ତାହା ବହୁତ ବଡ଼ କଥା । ଆପଣମାନେ ସମସ୍ତେ ବହୁତ ସୌଭାଗ୍ୟଶାଳୀ ଅଟନ୍ତି, ଯେଉଁମାନେ ଏହି ଯମାତ୍‌ର ଅଂଶବିଶେଷ ଅଟନ୍ତି ।

(୯)ଶ୍ରୀଯୁକ୍ତ ସନ୍ତୁ ବାବା ସନ୍ତୁଖ୍ ସିଂ ସାହେବ୍ (ହେଡ୍ କାର ସେବକ ପଞ୍ଜାବ): ଆପଣମାନଙ୍କର ଯମାତ୍ ମୋତେ ବହୁତ ସ୍ନେହ ଦିଏ ସମ୍ମାନ କରେ । ଆପଣ ସମସ୍ତଙ୍କୁ ସଲାମ୍ ଓ ଏହି ଜଲ୍‌ସା ନିମନ୍ତେ ଶୁଭେଚ୍ଛା ଦେଶ ବିଭାଜନ ପୂର୍ବରୁ ଏହି ପଞ୍ଜାବ୍ ପ୍ରଦେଶରେ ସମସ୍ତେ ବହୁତ ପ୍ରେମର ସହିତ ଆପୋଷରେ ମିଳିମିଶି ରହୁଥିଲେ । କିନ୍ତୁ ସେତେବେଳେ ଯେଉଁ ଘଟଣା ଘଟିଲା ତା ପାଇଁ ବହୁତ ନିରୀହ ଲୋକମାନଙ୍କର ପ୍ରାଣ ଚାଲିଗଲା । ମୋର ଆନ୍ତରିକ ଇଚ୍ଛା ଯେ ଆମେ ପୂର୍ବପରି ସମସ୍ତେ ମିଳିମିଶି ରହିବା ।

**୩୧ ଡିସେମ୍ବର୍ ୨୦୧୭ (ରବିବାର)**

**ତୃତୀୟ ଦିନର ପ୍ରଥମ ଇଜ୍‌ଲାସ୍**

ତୃତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋକରମ୍ ମୁନୀର୍ ଅହେମଦ୍ ସାହେବ୍ ହାଫେଜାବାଦୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେଲା । ମୋକରମ୍ ହାଫିଜ୍ ନକିବୁଲ୍ ଅମୀନ୍ ବର୍କ ସାହେବ୍ ଅଫ୍ କାଦିଆନ୍ ସୁରା ବନି ଇସ୍‌ରାଇଲ୍‌ର ଆୟନ ନଂ-୭୯-୮୫ ତିଲାଓ୍ୱତ୍ କଲେ, ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ମକ୍‌ସୁଦ୍ ଅହେମଦ୍ ଭଟି ସାହେବ୍ ମୋବୋଲିଗ୍ ସିଲ୍ ସିଲା ତଫସିର୍ ସଗିର୍ ସୟଦ୍‌ନା ହଜ୍‌ରତ୍ ମୁସଲେହ ମଉଦ୍ ର:ଅ ରୁ ପଢ଼ି ଶୁଣାଇଲେ । ସୟଦ୍‌ନା ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ୍-

ଜମାଲୋ ହୁସ୍‌ନେ କୁରଆଁ
ନୁରେ ଜାନେ ହର୍ ମୁସଲମାଁ ହୈ
କମର୍ ହୈ ଚାନ୍ଦ୍ ଅଓରୋଁ କା
ହମାରା ଚାନ୍ଦ କୁରଆଁ ହୈ

ମୋକରମ୍ ମୋଦସର୍ ଅହେମଦ୍ ଓ୍ୱସିନ୍ ସାହେବ୍ ମୁରବୀ ସିଲ୍‌ସିଲା ରବ୍‌ଓ୍ୱା ପାକିସ୍ତାନ୍ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହି ଇଜ୍‌ଲାସ୍‌ର ପ୍ରଥମ ତକ୍‌ରୀର୍ ମୋକରମ୍ ମୌଲାନା ମୁହମ୍ମଦ୍ ନୁରୁଦ୍ଦିନ୍ ନାସିର୍ ସାହେବ୍ ଉସ୍ତାଦ୍ ଜାମିଆ ଅହେମଦୀୟା କାଦିଆନ୍ ''ଖୁଲା ଓ ତଲାକ୍ ପ୍ରସଙ୍ଗରେ ଇସ୍‌ଲାମ୍‌ରେ ମହିଳାମାନଙ୍କର ଅଧିକାର'' ବିଷୟରେ କଲେ । ସେ ତାଙ୍କ ଭାଷଣ ଆରମ୍ଭରେ କହିଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ପୂର୍ବରୁ ମହିଳାମାନଙ୍କ ଅବସ୍ଥା ଅତି ଶୋଚନୀୟ ଥିଲା । ସେମାନଙ୍କୁ କୌଣସି ପ୍ରକାର ଅଧିକାର ମିଳୁନଥିଲା । ତାଙ୍କ ଜନ୍ମକୁ ଏକ ଅଭିଶାପ ରୂପେ ମଣାଯାଉଥିଲା । ପବିତ୍ର କୋରାନ୍ ଏହି ଭୟଙ୍କର ଦୃଶ୍ୟପଟକୁ ଏପରି ନକ୍‌ସା ଟାଣି ବର୍ଣ୍ଣନା କରୁଛି: *ଓ୍ୱ ଇଜା ବୁଶ୍‌ଶିରା ଅହଦୁହୁମ୍ ବିଲ୍‌ଉନ୍‌ସା ଜଲ୍ଲା ଓ୍ୱଜହୁହୁ ମୁସ୍‌ଓ୍ୱଦ୍ଦନ୍ ଓ୍ୱହୁଓ୍ୱ କଜିମ୍ । ୟତଓ୍ୱରା ମିନଲ୍ କୌମ୍ ମିନ୍ ସୁଇ ମା ବୁଶ୍‌ଶିରା ବିହି । ଆ ୟୁମ୍‌ସିକ୍‌ହୁ ଆଲା ହୁନିନ୍ ଅମ୍ ୟଦୁସ୍‌ସୁହୁ ଫିତ୍‌ତୁରାବ୍ । ଅଲା ସାଆ ମା ୟାହ୍‌କୁମୁନ୍* (ସୁରା ନହଲ୍:୫୯-୬୦) ଅର୍ଥାତ୍- ଏବଂ ଯେତେବେଳେ ସେମାନଙ୍କ ଭିତରୁ କାହାକୁ ଝିଅ ଜନ୍ମ ହେବାର ଖବର ମିଳେ ସେତେବେଳେ ସେମାନଙ୍କର ମୁହଁ ଦୁଃଖ ଯୋଗୁଁ କଳା ପଡ଼ିଯାଏ । ଏବଂ ତାଙ୍କ ମନ ମଳିନ ପଡ଼ିଯାଏ । ଏବଂ ଏହି ଖବର ଯୋଗୁ ସେମାନେ ଲୋକମାନଙ୍କ ଠାରୁ ଲୁଚି ବୁଲନ୍ତି ଏବଂ ସେ ଭାବୁଥାଏ ଯେ ଏହି ଅପମାନକୁ ସହିନେଇ ଏ ଝିଅକୁ ଜିବୀତ ରହିବାକୁ ଦେବି ବା ତାକୁ ମାଟିରେ ପୋତିଦେବି ।

ହଜ୍‌ରତ୍ ନଓ୍ୱାବ୍ ମୁବାରକା ବେଗମ୍ ସାହିବା ର:ଅ ନିଜର ମଞ୍ଜୁମ୍ କଲାମ୍‌ରେ ଏହି ଚରିତ୍ରକୁ ଖୁବ୍ ଉପସ୍ଥାପନ କରି କହିଛନ୍ତ:-

*ରଖି ପେଶେ ନଜର୍ ଓ୍ୱହ୍ ଓ୍ୱକ୍ତ୍ ବହନ୍*
*ଜବ୍ ଜିନ୍ଦା ଗାଡ଼ି ଯାତି ଥି*
*ଘର୍ କି ଦିଓ୍ୱାରେଁ ରୋତି ଥିଁ*
*ଯବ୍ ଦୁନିଆଁ ମେଁ ତୁ ଆତି ଥି*

କିନ୍ତୁ ମହିଳାମାନଙ୍କର ସୌଭାଗ୍ୟ ଯେ ତାଙ୍କର ଅଧିକାରକୁ ସୁରକ୍ଷିତ ରଖିବା ବାଲା ଜଣେ ମହାନ୍ ଅନୁଗ୍ରହକାରୀ ଜନ୍ମ ହୋଇଗଲେ । ସେ ହେଉଛନ୍ତି ଆମର ମୁନୀବ ସୟଦ୍ ଓ ମୌଲା ରହମତୁଲ୍ ଲିଲ୍ ଆଲମିନ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ । ତାଙ୍କ ମାଧ୍ୟମରେ ସେହି ସବୁ ଅତ୍ୟାଚାରକୁ ଏକାଥରରେ ନିଃଶେଷ କରାଗଲା । ସେ ଫଇସଲା କଲେ ଯେ ଖୁଦାତାଲା ମୋତେ ମହିଳାମାନଙ୍କର ଅଧିକାରର ସୁରକ୍ଷା ପାଇଁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି । ମୁଁ ଖୁଦାତାଲାଙ୍କ ତରଫରୁ ଏ ଘୋଷଣା କରୁଛି ଯେ ପୁରୁଷ ଓ ମହିଳାମାନେ ମାନବିକତା ଦୃଷ୍ଟିକୋଣରୁ ସମାନ ଅଟନ୍ତି । ସେ ପୁଣି କହିଲେ ଯେ ମହିଳାମାନଙ୍କର ଉତ୍ତମ ସମ୍ପତ୍ତି ହେଉଛି ଏ ସଂସାର ଓ ପୁରୁଷମାନଙ୍କ ନିମନ୍ତେ ସେମାନେ ହେଉଛନ୍ତି ବସ୍ତ୍ର ସଦୃଶ । ପୁରୁଷମାନଙ୍କର ସମ୍ମାନ ଏଥିରେ ନିହିତ ହେବ ଯେ ସେମାନେ ନିଜ ସ୍ତ୍ରୀ ଙ୍କ ସହିତ ଉତ୍ତମ ବ୍ୟବହାର

କରନ୍ତୁ । ପୁରୁଷ ମାନଙ୍କର ଇମାନ୍ (ବିଶ୍ୱାସ)ର ଭିତିଭୂମି ମହିଳାଙ୍କ ସହିତ ଉତମ ବ୍ୟବହାର କରିବା ଦ୍ୱାରା ହୋଇଥାଏ । ଯଦି ସେ ଉତମ ବ୍ୟବହାର କଲେ ତେବେ ଯାଇ ମୋମିନ୍ ରୂପେ ବିବେଚିତ ହେବ । ଯଦି ସେ ମହିଳାମାନଙ୍କ ସହିତ ଉତମ ବ୍ୟବହାର କରିବ ନାହିଁ ତେବେ ଖୁଦାଙ୍କ ନିକଟରେ ଦଣ୍ଡିତ ହେବ । ହଜରତ୍ ମୁହମ୍ମଦ୍ ସ:ଆ:ସ କହୁଛନ୍ତି ଯେ ମହିଳାମାନେ ନିଜର ଧନ ଓ ନିଜ ସ୍ୱାମୀ ଓ ନିଜ ମା' ବାପାଙ୍କ ସମ୍ପତିର ଉତରାଧିକାରୀ ହେବେ । ତାଙ୍କର ବିବାହ ନିଶ୍ଚିତ ରୂପେ ଗୋଟିଏ ପବିତ୍ର ବନ୍ଧନ ଅଟେ । ଏହି ବନ୍ଧନକୁ ତୁଟାଇବା ଅତ୍ୟନ୍ତ ଖରାପ କଥା ଅଟେ କିନ୍ତୁ ଏହା ନୁହେଁ ଯେ ଯଦି ମହିଳା ଓ ପୁରୁଷଙ୍କ ସ୍ୱାଭାବରେ ବିପଦପୂର୍ଣ୍ଣ ବିରୋଧାଭାଷ ରହେ ବା ଧାର୍ମିକ, ସମ୍ପତି, ସଭ୍ୟତା, ମନମାଳିନ୍ୟ ରହୁଥିବା ଯୋଗୁ ସେମାନଙ୍କୁ ବାଧ କରାଯିବ ଯେ ସେମାନେ ଉକ୍ତ ବନ୍ଧନ ଯୋଗୁ ନିଜର ପୁରା ଜୀବନକୁ ନଷ୍ଟ କରିଦେବେ ଓ ନିଜର ଜନ୍ମର ମୂଳ ଉଦ୍ଦେଶ୍ୟକୁ ହାତଛଡ଼ା କରିଦେବେ ବୋଲି ।

ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ମହିଳାମାନଙ୍କର ଅଧିକାର ଗୁଡିକୁ ଇସ୍‌ଲାମ୍ ଯେଉଁପରି ସୁରକ୍ଷା ଦେଇଛି ସେପରି ସୁରକ୍ଷା ଅନ୍ୟ କୌଣସି ଧର୍ମରେ କଦାପି ଦିଆଯାଇନାହିଁ । ସଂକ୍ଷିପ୍ତରେ କହିଯାଇଛନ୍ତି- *ୱଲହୁନ୍ନା ମିସ୍‌ଲୁଲ୍‌ଲଜି ଆଲୈହିନ୍ନା* (ଅଲ୍‌ବକ୍‌ରା:୨୨୯) - ଅର୍ଥାତ୍- ଯେପରି ପୁରୁଷମାନଙ୍କର ମହିଳାଙ୍କ ଉପରେ ଅଧିକାର ଅଛି ସେହିପରି ମହିଳାମାନଙ୍କର ମଧ ପୁରୁଷମାନଙ୍କ ଉପରେ ଅଧିକାର ଅଛି । କିଛି ଲୋକଙ୍କର ଅବସ୍ଥାତ ଏପରି ଯେ ସେମାନେ ମହିଳାମାନଙ୍କୁ ପାଦତଳର ଜୋତା ରୂପେ ଜାଣନ୍ତି, ଏବଂ ନିମ୍ନତର ସେବା ସେମାନଙ୍କଠାରୁ ନେଇଥାନ୍ତି, ସେମାନଙ୍କୁ ଗାଳି ମଧ ଦେଇଥାନ୍ତି, ଘୃଣ୍ୟ ଚକ୍ଷୁରେ ଦେଖିଥାନ୍ତି, ପର୍ଦାକୁ ଅବୈଧ ଶୈଳୀରେ କରିବା ପାଇଁ ଏତେ କଟକଣାର ନିର୍ଦ୍ଦେଶ ଦେଇଥାନ୍ତି ଯେ ଯେପରି ସେମାନଙ୍କୁ ଜୀବିତ ମାଟି ଭିତରେ ପୋତି ଦିଆଯାଏ ।

ଆବଶ୍ୟକ ଅଟେ ଯେ ସ୍ତ୍ରୀ ମାନଙ୍କ ସହିତ ସ୍ୱାମୀଙ୍କର ଏପରି ସମ୍ପର୍କ ରହୁ ଯେପରି ଦୁଇଜଣ ସଚ୍ଚା ଓ ବାସ୍ତବିକ ବନ୍ଧୁଙ୍କ ଭିତରେ ସମ୍ପର୍କ ରହେ । ମନୁଷ୍ୟର ଉତମ ଚରିତ୍ର ଓ ଖୁଦାଙ୍କ ସହିତ ତାର ଯେଉଁ ସମ୍ପର୍କ ଅଛି ସେ ସବୁର ପ୍ରଥମ ସାକ୍ଷୀ ଏହି ମହିଳାମାନେ ହିଁ ହୋଇଥାନ୍ତି । ଯଦି ସେମାନଙ୍କ ସହିତ ସମ୍ପର୍କ ଭଲ ରହିବନାହିଁ ତେବେ ଏହା କିପରି ସମ୍ଭବ ହେବ ଯେ ଖୁଦାତାଲାଙ୍କ ସହିତ ସୁଲାହ୍ ହୋଇଯିବ ବୋଲି । ରସୁଲୁଲ୍ଲାଃ ସ:ଆ:ସ କହିଲେ:- *ଖଏରୁକୁମ୍ ଖଏରୁକୁମ୍ ଲି ଅହ୍‌ଲିହି* ଅର୍ଥାତ୍- ତୁମମାନଙ୍କ ଭିତରୁ ସେ ହେଉଛି ଉତମ ବ୍ୟକ୍ତି ଯିଏ ନିଜ ସ୍ତ୍ରୀଙ୍କ ସହିତ ଉତମ ବ୍ୟବହାର କରିଥାଏ ।

ଦ୍ୱିତୀୟ ତକ୍‌ରିର୍ ମୋକରମ୍ ଶୋଏବ୍ ଅହେମଦ୍ ସାହେବ୍ ନାଜିର୍ ବଇତୁଲ୍‌ମାଲ୍ ଖର୍ଚ୍ଚ କାଦିଆନ୍ ''ମାଲି କୁର୍‌ବାନୀର ଗୁରୁତ୍ୱ ଏବଂ ଏହାର ବର୍‌କାତ୍, ଇମାନ୍ ଅଫ୍‌ରୋଜ୍ ଘଟଣାବଳୀର ଆଲୋକରେ'' ବିଷୟରେ କଲେ । ସେ ନିଜ ଭାଷଣର ଆରମ୍ଭରେ ସୁରା ବକ୍‌ରାର ଆୟତ ନଂ ୨୬୨-୨୬୬ ପାଠ କଲେ । ଯେଉଁଥିରେ ଅଲ୍ଲାଃତାଲା କହୁଛନ୍ତି:- ଯେଉଁମାନେ ନିଜର ମାଲ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଛନ୍ତି ସେମାନଙ୍କର ଉଦାହରଣ ଏପରି ଏକ ମଞ୍ଜି ସଦୃଶ ଅଟେ ଯିଏ ସାତଟି କେଣ୍ଡା ଫଳାଏ ଓ ପ୍ରତ୍ୟେକ କେଣ୍ଡାରେ ଶହେଟି ଶସ୍ୟ ରହେ । ଏବଂ ଅଲ୍ଲାଃତାଲା ଯାହାକୁ ଚାହିଁବେ (ଏହାଠାରୁ ମଧ୍ୟ) ଅଧିକା ବଢ଼ାଇ ଦେଇଥାନ୍ତି । ଏବଂ ଅଲ୍ଲାଃ ବହୁତ ପ୍ରଦାନକାରୀ ଓ ସର୍ବଜ୍ଞ ଅଟନ୍ତି ।

ଓ ସେମାନଙ୍କର ଉଦାହରଣ ଦେଇଛନ୍ତି ଯେଉଁମାନେ ନିଜର ଧନକୁ ଅଲ୍ଲାଃତାଲାଙ୍କ ସାନିଧ ପାଇବା ପାଇଁ ଓ ନିଜକୁ ପ୍ରତିଷ୍ଠା କରିବା ନିମନ୍ତେ ଖର୍ଚ୍ଚ କରିଥାନ୍ତି ତାହା ଏପରି ଏକ ବଗିଚା ସଦୃଶ ଅଟେ ଯାହା ଉଚ୍ଚ ସ୍ଥାନରେ ଅବସ୍ଥିତ ଏବଂ ସେଥିରେ ମୁସଳଧାର ବର୍ଷା ହେବା ଯୋଗୁଁ ତାହା ଅତ୍ୟଧିକ ଫଳ ଦେଇଥାଏ । ଏବଂ ଯଦି ସେଠାରେ ମୁସଳଧାର ବର୍ଷା ନହୁଏ ତେବେ ସେଠାରେ ମାତ୍ରାଧିକ କାକର ପଡ଼ିଥାଏ । ତୁମେ ଯାହା କିଛି କରୁଅଛ ଅଲ୍ଲାଃତାଲାଙ୍କର ଗଭୀର ଦୃଷ୍ଟି ତା ଉପରେ ଅଛି ।

ସେ ସୟଦ୍‌ନା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଓ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ସାହାବି ମାନଙ୍କର ମାଲି କୁର୍‌ବାନୀ ଗୁଡିକର ଅତ୍ୟନ୍ତ ଇମାନ୍ ଅଫ୍‌ରୋଜ୍ ଘଟଣାଗୁଡିକୁ ଶୁଣାଇଲେ । ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ମାନଙ୍କର କିଛି ଗୋଟିଏ ଘଟଣା ପାଠକଙ୍କ ନିମନ୍ତେ ନିମ୍ନରେ ଉପସ୍ଥାପନ କରାଯାଉଅଛି ।

ହଜରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଙ୍କର ଗୋଟିଏ ରିୱାୟତ୍ ଅଛି ଯେ ଥରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ଲୁଧିଆନାରେ ଗୋଟିଏ ଜରୁରୀ ଇସ୍ତେହାର୍ ଛପାଇବା ନିମନ୍ତେ ଷାଠିଏ ଟଙ୍କା ଆବଶ୍ୟକ ହେଉଥିଲା । ସେ ସମୟରେ ଆପଣଙ୍କର ଜଣେ ସାହାବୀ ହଜରତ୍ ମୁନ୍‌ଶୀ ଜଫର୍ ଅହେମଦ୍ ସାହେବ୍ ର:ଅ ଲୁଧିଆନ ଆସିଥିଲେ । ହଜୁର୍ ଆ:ସ ତାଙ୍କୁ ଡକାଇ କହିଲେ ଯେ ବର୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ କାମ ନିମନ୍ତେ ଟଙ୍କା ଆବଶ୍ୟକ ଅଛି । କଣ ଆପଣଙ୍କ ଯମାତ୍ ଏତେ ଗୁଡିଏ ଟଙ୍କାର ବ୍ୟବସ୍ଥା କରିପାରିବ ? ସେ କହିଲେ ହଜୁର୍ ଇନ୍‌ଶାଅଲ୍ଲାଃ ବ୍ୟବସ୍ଥା କରିପାରିବ ମୁଁ ଯାଇ ଟଙ୍କା ନେଇ ଆସୁଛି । ସୁତରାଂ ସେ ତତ୍‌କ୍ଷଣାତ୍ କପୁରଥଳା ଗଲେ । ଏବଂ ଯମାତ୍‌ର କୌଣସି ଲୋକଙ୍କୁ ନ କହି ନିଜ ସ୍ତ୍ରୀଙ୍କର ଗୋଟିଏ ଗହଣା ବିକ୍ରି କି ଷାଠିଏ ଟଙ୍କା ପାଇଲେ ଓ ତାହା ଆଣି ହଜୁର୍‌ଙ୍କର ଗୋଚରେ ଉପସ୍ଥାପନ କରିଦେଲେ ।

ଏହି ରିୱାୟତ୍ ଲମ୍ବା ଅଛି । ଯେହେତୁ ମୁନ୍‌ଶୀ ଜଫର୍ ଅହେମଦ୍ ସାହେବ୍ ଏକୁଟିଆ ଏହି ସେବା କରିନେଲେ ଓ କପୁରଥଳା ଜମାତ୍‌ର ସଦସ୍ୟମାନଙ୍କୁ ଏଥିରେ ସାମିଲ୍ ହେବାପାଇଁ ଘୋଷଣା କରିନଥିଲେ । ତେଣୁ ଏହି ଘଟଣା ଯେତେବେଳେ ମୁନ୍‌ଶୀ ଅରୋଡେ ଖାନ୍ ସାହେବଙ୍କୁ ଜଣାଗଲା, ଯିଏ ସେହି ଯମାତ୍‌ର ଜଣେ ସଦସ୍ୟ ଥିଲେ, ସେ ଛଅମାସ ପର୍ଯ୍ୟନ୍ତ ମୁନ୍‌ଶୀ ଜଫର୍ ଅହେମଦ୍ ସାହେବ୍‌ଙ୍କ ଠାରୁ ନାରାଜ ରହିଲେ । ଏମାନେ ହେଉଛନ୍ତି ସେହି ଉତ୍ସର୍ଗୀକୃତ ବ୍ୟକ୍ତି ବିଶେଷ ଯେଉଁମାନେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ମିଳିଥିଲେ ।

ହଜରତ୍ ଅମ୍ମା ଜାନ୍ ସୟଦା ନୁସରତ୍ ଜାହାଁ ବେଗମ୍ ସାହିବା ର:ଅ ଙ୍କ ସମ୍ପର୍କରେ ଆସୁଛି ଯେ ସେ ମିନାରତୁଲ୍ ମସିହ୍ ନିର୍ମାଣ ନିମନ୍ତେ ଏକହାଜର ଟଙ୍କା ପ୍ରତିଶୃତି ଲେଖାଇଥିଲେ । ଏବଂ ଦିଲ୍ଲୀରେ ଥିବା ନିଜର ଗୋଟିଏ ଘରକୁ ବିକ୍ରି କରି ଉକ୍ତ ରାଶି ପଇଠ କରିଥିଲେ ।

ହଜରତ୍ ମସିହ୍ ମଉଦ୍ ଆ:ସ ଯେତେବେଳେ ମିନାରତୁଲ୍ ମସିହ୍‌ର ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ ସେତେବେଳେ ହଜରତ୍ ମିଆଁ ଶାଦି ଖାଁ ସାହେବ ସିଆଲକୋଟି ର:ଅ କେବଳ ଗୋଟିଏ ଖଟିଆକୁ ଛାଡ଼ିଦେଇ ନିଜ ଘରର ସବୁତକ ଜିନିଷ ୩୦୦ ଟଙ୍କାରେ ବିକ୍ରି କରି ସବୁତକ ଟଙ୍କା ନେଇ ହଜୁର୍ ଆ:ସଙ୍କ ପବିତ୍ର ଗୋଚରେ ଉପସ୍ଥାପନ କରିଦେଲେ । ଏଥିରେ ହଜୁର୍ ଅନ୍ୱର୍ ଖୁସିର ଅଭିବ୍ୟକ୍ତ କରି କହିଲେ- ଆପଣ ତ ହଜ୍‌ରତ୍ ଅବୁବକର୍ ର:ଅଙ୍କ ଉଦାହରଣକୁ ଉପସ୍ଥାପନ କରିଛନ୍ତି । ଏହା ଶୁଣିବା ମାତ୍ରେ ସେ ନିଜ ଘରକୁ ଫେରିଯାଇ ଘରେ ଥିବା ସେଇ ଗୋଟଏ ଖଟିଆକୁ ମଧ ବିକ୍ରି କରି ସବୁ ଟଙ୍କା ଆଣି ଦେଇଦେଲେ ।

ସେହିପରି ହଜରତ୍ ସାହାବ୍‌ଜାଦା ପୀର୍ ମଞ୍ଜୁର୍ ଅହେମଦ ସାହେବ୍‌ଙ୍କ ବିଷୟରେ ହଜରତ୍ ମିର୍ଜା ଅବ୍‌ଦୁଲ୍ ହକ୍ ସାହେବ ଆଡ୍‌ଭୋକେଟ୍ ଲେଖୁଛନ୍ତି ଯେ ହଜରତ୍ ସାହାବ୍‌ଜାଡା ପୀର୍ ମଞ୍ଜୁର୍ ଅହେମଦ୍ ସାହେବ୍ କାଇଦା ୟସ୍‌ସର୍‌ନଲ୍ କୁର୍‌ଆନ୍‌ର ଉଦ୍‌ଭାବକ ଥିଲେ । ଏହି କାଇଦା ବହୁତ ପ୍ରସିଦ୍ଧି ଲାଭ କରିଛି । ଶହ ଶହ ଟଙ୍କା ମାସିକ ସେ ସମୟରେ ଆପଣଙ୍କର ରୋଜଗାର ହେଉଥିଲା କିନ୍ତୁ ଦୀନ୍ ପାଇଁ ତାଙ୍କ କୁର୍‌ବାନୀର ସ୍ତର ଓ ଅବସ୍ଥା ଏହା ଥିଲା ଯେ କେବଳ ତିରିଶି ଟଙ୍କା ମାସିକ ନିଜ ପାଇଁ ଖର୍ଚ୍ଚ ରଖୁଥିଲେ ଓ ବାକି ସବୁତକ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସେବାରେ ପବିତ୍ର କୋରାନ୍‌ର ଛପା କାର୍ଯ୍ୟରେ ଓ ଦୀନ୍‌ର ପ୍ରଚାର ପ୍ରସାର ନିମନ୍ତେ ପଠାଇଦେଉଥିଲେ । ୧୯୪୦ ମସିହା ପରେ ମାସିକ ୪୦ ଟଙ୍କା ଲେଖାଏଁ ରଖିବା ଆରମ୍ଭ କରିଦେଲେ । ଓ ଗୋଟିଏ ବର୍ଷରେ ଦଶ ହଜାର ଟଙ୍କା ଦୀନ୍‌ର ସେବା ପାଇଁ ଦେଲେ ।

ସେ ପୁଣି କହିଲେ ଅତ୍ୟନ୍ତ ସଂକଟାପର୍ଣ୍ଣ ଓ କଠିନ ପରିସ୍ଥିତିରେ ନିଜ ମନକୁ ମାରି ଖୁଦାଙ୍କ ମାର୍ଗରେ କୁର୍ବାନୀ କରିବା କୌଣସି ମାମୁଲି କଥା ନୁହେଁ । ଏହାର ଅଗଣତି ଦୃଷ୍ଟାନ୍ତ ଅହେମଦୀୟତ୍‌ର ଇତିହାସରେ ଅନେକ ଯାଗରେ ଦୃଷ୍ଟିଗୋଚର ହୁଏ । ହଜ୍‌ରତ୍ କାଜି ମୁହମ୍ମଦ୍ ୟୁସୁଫ୍ ସାହେବ୍ ର:ଅ ପେଶାୱରି ହଜରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ଘଟଣା ଏପରି ବର୍ଣ୍ଣନା କରୁଛନ୍ତି ଯେ ୱଜିରାବାଦ୍ ର ଶେଖ୍ ଖାନ୍‌ଦାନ୍‌ର ଜଣେ ଯୁବକ ମରିଗଲେ । ତାଙ୍କ ବାପା କଫନ କିଣିବା ପାଇଁ ୨୦୦ ଟଙ୍କା ରଖିଥିଲେ । ଏ ସମୟରେ ହଜରତ୍ ମସିହ୍ ମଉଦ୍ ଆ:ସ ଲଙ୍ଗର୍‌ଖାନାର ଖର୍ଚ୍ଚ ନିମନ୍ତେ ତହ୍‌ରିକ୍ କଲେ । ତାଙ୍କୁ ମଧ ଚିଠି ଗଲା । ତେବେ ସେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ଉକ୍ତ ଟଙ୍କା ପଠାଇବା ପରେ ଲେଖିଲେ ଯେ ମୋର ଯୁବକପୁତ୍ର ତାଉନ୍ ଦ୍ୱାରା ମରିଯାଇଛନ୍ତି । ମୁଁ ତାଙ୍କର କ୍ରିୟା କର୍ମପାଇଁ ୨୦୦ ଟଙ୍କା ରଖିଥିଲି ଯାହା ମୁଁ ପଠାଉଛି । ପୁଅକୁ ତା ନିଜ ବସ୍ତ୍ର ସହିତ ଦଫନ କରୁଛି ।

ଏହି ଇଜ୍‌ଲାସ୍‌ର ତୃତୀୟ ତକ୍‌ରୀର୍ ମୋକରମ୍ ମୌଲାନା ରଫିକ୍ ଅହେମଦ୍ ବେଗ୍ ସାହେବ୍ ନାଏବ୍ ନାଜିର୍ ଉମୁରେ ଆମା କାଦିଆନ୍ ''ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଅ:ବ:ଅ ଙ୍କ ହିଦାୟତ ନମାଜ ସ୍ଥାପନା କରିବା ଆଲୋକରେ'' ବିଷୟରେ କଲେ । ସେ ପବିତ୍ର କୋରାନ୍, ହଦିସ୍ ଓ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଉପଦେଶାବଳୀ ଦ୍ୱାରା ନମାଜର ଗୁରୁତ୍ୱ ଓ ଏହାର ବର୍‌କତ୍ ବିଷୟରେ ସ୍ପଷ୍ଟୀକରଣ ଦେଲେ । ଏହି ବିଷୟରେ ସେ ହଜୁର୍ ଅନ୍ୱର୍ ଅ:ବ:ଅ ଙ୍କ କିଛି ଉପଦେଶାବଳୀ ଗୁଡିକୁ ଉପସ୍ଥାପନ କଲେ । ହଜୁର୍ ଅ:ବ:ଅ କହୁଛନ୍ତି:- ପ୍ରଥମେ ନମାଜ ପଢ଼ିବାର ଅଭ୍ୟାସ କରିବା ଜରୁରୀ ଅଟେ । ନିଜକୁ ନିୟମିତ ନମାଜ ପଢ଼ିବା ନିମନ୍ତେ ପାବନ୍ଦ ହେବା ଆବଶ୍ୟକ ଅଟେ । ନମାଜର ଲାଭ ମନୁଷ୍ୟକୁ ବାସ୍ତବିକ ଦୃଷ୍ଟିଗୋଚର ହେଉ ବା ନହେଉ କିନ୍ତୁ ନମାଜ ନିଶ୍ଚୟ ପଢ଼ିବାକୁ ହେବ । କାରଣ ଏହା ଫର୍ଜ୍ (ଅନିର୍ବାର୍ଯ୍ୟ) ଅଟେ । ଏବଂ ଏହା ଭାବି ଅଭ୍ୟାସ କରିବା ଆବଶ୍ୟକ ଯେ ମୁଁ ସବୁ ପରିସ୍ଥିତିରେ ଅଲ୍ଲାଃଙ୍କ ଆଡକୁ ଢ଼ଳିବି । ଏବଂ ତା ନିକଟକୁ ଯିବି । ସବୁ ପ୍ରକାର ଆବଶ୍ୟକତା ତାଠାରୁ ହିଁ ଚାହିଁବି । ଏହିପରି ଦୃଢ଼ ଓ ସ୍ଥିର ଚିତ ଯଦି ରହିବ ତେବେ ପୁଣି ଏପରି ସମୟ ଆସିବ ଯେ ନମାଜର ହକ୍ ମଧ କାଏମ୍ କରିବା ଆରମ୍ଭ ହୋଇଯିବ । ନମାଜରେ ଆନନ୍ଦ ଅନୁଭବ ହେବା ଆରମ୍ଭ ହୋଇଯିବ । ଏବଂ ବେଳେବେଳେ ଯେତେବେଳେ କେତେକ ଲୋକ ଏହା କହୁଛନ୍ତି ଯେ ମୁଁ ଚେଷ୍ଟା କରୁଛି ନମାଜ ପଢ଼ିବା ପାଇଁ କିନ୍ତୁ ହେଳା ହୋଇଯାଉଛି, ଏପରି ଆଉ କହିବାକୁ ପଡ଼ିବ ନାହିଁ । ସେ ପୁଣି ଆଉ ଗୋଟିଏ ଅବସରରେ କହୁଛନ୍ତି ଯେ ସେତେବେଳେ ଅବହେଳା ହୋଇଥାଏ ଯେତେବେଳେ ନମାଜକୁ ଗୁରୁତ୍ୱ ଦିଆନଯାଏ । ଏବଂ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ ଜିନିଷ ପ୍ରତି ମନୁଷ୍ୟ ଆକର୍ଷଣ ହୋଇ ସେଗୁଡିକ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ । ଯଦି

ଅଲ୍ଲାଃତାଲାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିବ ତେବେ ଏହା କିପରି ହୋଇପାରିବ ଯେ ଅବହେଳା ହେବ । ସୁତରାଂ ଆଜି ସଂସାରର ଯେଉଁ ଅବସ୍ଥା ହୋଇଚାଲିଛି ତାର କୁପ୍ରଭାବରୁ ନିଜକୁ ଓ ନିଜ ସନ୍ତାନ ସନ୍ତତିଙ୍କୁ ବଂଚାଇବା ପାଇଁ ଅଲ୍ଲାହ୍‌ଙ୍କ ପ୍ରତି ନିଷ୍ଠାର ସହିତ ନଇଁଯିବା ଅତ୍ୟନ୍ତ ଆବଶ୍ୟକ ଏବଂ ଏପରି ନଇଁ ରହିବାର ଉତମ ମାଧ୍ୟମ ହେଉଛି ଅଲ୍ଲାଃତାଲା ତାର ରସୁଲ୍ ସ:ଆ:ସ ଓ ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଶିକ୍ଷା ଦେଇଛନ୍ତି ଯେ ନିଜ ନମାଜ ଗୁଡିକୁ କାଏମ୍ କରିବା ଏବଂ ଏହାର ସଂରକ୍ଷଣ କରିବା ପ୍ରତି ଆମେ ଧ୍ୟାନ ଦେବା ।

ପୁଣି କହୁଛନ୍ତି- ନମାଜ ଗୁଡିକର ନିୟମିତ ସମୟାନୁସାରେ ପାଠ କରିବା ଓ ଏଗୁଡିକର ସଂରକ୍ଷଣ ନିମନ୍ତେ ଧ୍ୟାନ ଦେବା ଏ କଥାର ଜାମିନ୍ ହେବ ଯେ ଆମେ ଏବଂ ଆମ ସନ୍ତାନ ସନ୍ତତିକୁ ପାପ ଓ ଭୁଲ୍ ମାର୍ଗରୁ ବଂଚାଇ ରଖିବା । ନମାଜକୁ ନିୟମିତ ପାଠ କରିବା ଆମ ପିଲାମାନଙ୍କ ମନରେ ମଧ୍ୟ ଏ ଆତ୍ମା ଜାଗି ଉଠିବ ଯେ ସେମାନେ ମଧ୍ୟ ନିୟମିତ ପାଠ କରିବେ । ଏବଂ ସେମାନେ ଏହା ଭାବିବେ ଯେ ଆମକୁ ମଧ୍ୟ ଏହିଭଳି ନମାଜ ପଢ଼ିବାକୁ ହେବ ଯେପରି ଆମ ବାପା ମା' ମାନେ ପଢୁଛନ୍ତି । ଯେବେ ଏ କଥା ସେ ପିଲାମାନଙ୍କର ମନରେ ଘରକରି ରହିବ ଯେ ଆମେ ନମାଜକୁ ନିୟମିତ ପାଠ କରିବୁ ସେତେବେଳେ ପୁଣି ବାପା ମା' ମାନଙ୍କୁ ଏ ଚିନ୍ତା ରହିବ ନାହିଁ ଯେ ଏହି ପାଶ୍ଚାତ୍ୟ ଦେଶଗୁଡିକରେ ଯେଉଁଠି ହଜାର ରକମର ଅଶ୍ଳୀଳତା ଓ କୁକର୍ମ ଚାରିଆଡ଼େ ବ୍ୟାପି ରହିଛି, ସବୁବେଳେ ବାପା ମା' ମାନଙ୍କୁ ଏ ଚିନ୍ତା ରହିଥାଏ ଯେ ତାଙ୍କ ପିଲାମାନେ ଏହି ଖରାପ କାର୍ଯ୍ୟରେ ଲିପ୍ତ ନହୋଇଯାନ୍ତୁ । ଦୁଆ ପାଇଁ ଲେଖୁଛନ୍ତି ଓ କହୁଛନ୍ତି ମଧ୍ୟ ଏବଂ ନିଜେ ଚେଷ୍ଟା ମଧ୍ୟ କରୁଛନ୍ତି ଓ ପ୍ରାର୍ଥନା ମଧ୍ୟ କରୁଥିବେ । ଯଦି ନିଜ ପିଲାମାନଙ୍କୁ ଏହି ଖରାପ କାର୍ଯ୍ୟରୁ ବଂଚାଇବାକୁ ଚାହାଁ ତେବେ ସର୍ବପ୍ରଥମେ ତୁମମାନଙ୍କର ଏ ଚେଷ୍ଟା ରହିବା ଉଚିତ୍ ଯେ ନମାଜ ପଢ଼ିବା ନିୟମିତ କରନ୍ତୁ । ଯେପରି ଅଲ୍ଲାଃତାଲା କହୁଛନ୍ତି- *ଇନ୍ନସ୍ ସଲାତା ତନ୍‌ହା ଅନିଲ୍ ଫହ୍‌ଶାଏ ୱଲ୍ ମୁନ୍‌କର୍* (ଅନ୍‌କବୁତ:୪୬) ଅର୍ଥାତ୍-ନମାଜ ଖରାପ କାର୍ଯ୍ୟରୁ ଓ ଅପସନ୍ଦ କଥାରୁ ରୋକିଥାଏ । ଏହିପରି ଉକ୍ତ ନମାଜର ସଂରକ୍ଷଣ ପାଇଁ ଅଲ୍ଲାଃତାଲା ମଧ୍ୟ ସେହି ନମାଜ ଜରିଆରେ ଏ ବିଶ୍ୱାସ ଦେଇଛନ୍ତି ଯେ ନିଷ୍ଠାର ସହିତ ମୋ ନିକଟକୁ ଆସୁଥିବା ଲୋକେ ଏବେ ମୋ ଦାୟିତ୍ୱରେ ରହିବେ । ମୁଁ ସେମାନଙ୍କୁ ଏ ଦୁନିଆର କୁକର୍ମ ଓ କୁକାର୍ଯ୍ୟରୁ ତାଙ୍କୁ ବଂଚାଇବି । ଏବଂ ସେମାନଙ୍କୁ ପୁଣ୍ୟ ମାର୍ଗରେ ପରିଚାଳିତ କରାଇବି । ଏବଂ ତକ୍‌ୱାରେ ପରିଚାଳିତ କରାଇବି । ଓ ଏପରି ଲୋକମାନଙ୍କ ଭିତରେ ସେମାନଙ୍କୁ ସାମିଲ୍ କରାଇବି ଯେଉଁମାନେ ତକ୍‌ୱା ଉପରେ କାଏମ୍ ଅଛନ୍ତି । ସେମାନେ ହେଉଛନ୍ତି ମୋର ପବିତ୍ର ଲୋକେ । ଏପରି ଲୋକମାନଙ୍କ ମଧ୍ୟରେ ସେମାନଙ୍କୁ ସାମିଲ୍ କରାଇବି ଯେଉଁମାନେ ମୋ ଠାରୁ ପୁରସ୍କାର ପାଇଛନ୍ତି । ସୁତରାଂ ଏହା ସବୁଠାରୁ ମୂଳଜିନିଷ ଯାହାର ଟ୍ରେନିଂ ଓ ଯାହାକୁ କରିବା ପାଇଁ ପଣ ଆପଣମାନେ ଏ ଜଲ୍‌ସାରେ କରିବାକୁ ହେବ । ଯେଉଁମାନେ ନମାଜ ପଢ଼ିବାରେ ଦୁର୍ବଳତା ଓ ଅବହେଳା ପ୍ରଦର୍ଶନ କରନ୍ତି ସେମାନେ ଏହିଦିନ ଗୁଡିକରେ ନମାଜର ହକ୍ ପ୍ରଦାନ କରି ସେଥିରେ ନିୟମିତତା ଗ୍ରହଣ କରିବା ପାଇଁ ଚେଷ୍ଟା କରନ୍ତୁ ।

ଏହାପରେ ସିରିଆରୁ ଆସିଥିବା ଜଣେ ସମ୍ମାନୀୟ ଅତିଥି ମୋକରମ୍ ଅବ୍‌ଦୁଲ୍ ଫରଜ୍ ଅଲ୍‌ହସ୍‌ନି ସାହେବ୍ ତାଙ୍କର ପରିଚୟମୂଳକ ଭାଷଣ ପ୍ରଦାନ କଲେ । ସେ ସିରିଆଦେଶରୁ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗ ଦେବାପାଇଁ ଆସିଥିଲେ ଓ ସେ ହେଉଛନ୍ତି ଜଣେ ପୁରୁଣା ଅହେମଦୀ । ସେ ନିଜର ଭାବନାର ପ୍ରକାଶ ଆରବୀ ଭାଷାରେ କଲେ, ଯାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ଅତାଉଲ୍ ମୁଜିବ୍ ଲୋନ୍ ସାହେବ୍ ନାଏବ୍ ନାଜିର୍ ନଶ୍‌ରୋ ଇଶାଅତ୍ ପଢ଼ି ଶୁଣାଇଲେ । ମୋକରମ୍ ଅବ୍‌ଦୁଲ୍ ଫରଜ୍ ଅଲ୍‌ହସ୍‌ନି ସାହେବ୍ କହିଲେ ଆମେ ସିରିଆ ଦେଶରୁ ସମଗ୍ର ସଂସାର ନିମନ୍ତେ ଏ ସାକ୍ଷୀ ନେଇ ଆସିଛୁ ଯେ ଅଲ୍ଲାଃ ଏବଂ ତାଙ୍କର ରସୁଲ୍ ସ:ଆ:ସ ସତ୍ୟ କହିଥିଲେ । *ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିନ୍ ୱ ହୁୱଲ୍ ଅଜିଜୁଲ୍ ହକିମ୍ ।* ଅର୍ଥାତ୍-ଶେଷ ସମୟରେ ଗୋଟିଏ ଯମାତ୍ ହେବ ଯିଏ ଯୁଗର ମସିହ୍ ଉପରେ ଇମାନ୍ ଆଣିବ ଓ ପୁଣ୍ୟ କାର୍ଯ୍ୟ ମାଧ୍ୟମରେ ନବୀ କରିମ୍ ସ:ଆ:ସ ଙ୍କ ସାହାବାଙ୍କ ସହିତ ଯାଇ ମିଶିଯିବ । ଏବଂ ନବୀ କରିମ ସ:ଆ:ସ ଆମକୁ ଏ ସୁସମାଚର ଦେଇଥିଲେ ଯେ ଉକ୍ତ ଯୁଗ ମସିହ୍ ଦମଶ୍କ (ଡାମାସ୍‌କସ୍) ର ପୂର୍ବ ଦିଗରେ ଗୋଟିଏ ଶ୍ୱେତ ମିନାରା ନିକଟରେ ଅବତୀର୍ଣ୍ଣ ହେବେ । ସୁତରାଂ ଦମଶ୍କର ପୂର୍ବରେ ଏକାଧିକ ମିନାରା ନବୀ କରିମ୍ ସ:ଆ:ସ ଙ୍କର ଏହି ହଦିସ୍‌ର ସତ୍ୟତାର ପ୍ରମାଣ ହୋଇଗଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପିସ୍‌ରେ ମଉଦ୍ (ଐଶ୍ୱରିକ ପ୍ରତିଶ୍ରୁତି ମୁତାବକ ଜନ୍ମ ନେଇଥିବା ସୁପୁତ୍ର) ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଙ୍କ ଦମଶ୍କରେ ଅବତୀର୍ଣ୍ଣ ହେବା ପ୍ରଥମ ମିନାରା ଥିଲା । ଏହାପରେ ଆପଣଙ୍କ ନିର୍ଦ୍ଦେଶାନୁସାରେ ମୌଲାନା ଜଲାଲୁଦ୍ଦିନ୍ ସାହେବ୍ ଶମ୍‌ସ ମୋବୋଲିଗ୍ ରୂପେ ଏଠାକୁ ଆସିଲେ । ସେ ମଧ୍ୟ ଗୋଟିଏ ମିନାରା ଥିଲେ ଯାହାଙ୍କ ଜରିଆରେ ସିରିଆ ଦେଶରେ ବହୁତ ଲୋକଙ୍କୁ ହିଦାୟତ୍‌ର ମାର୍ଗ ମିଳିଲା । ସେହି ଅହେମଦୀ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଏପରି ମଧ୍ୟ ଥିଲେ ଯାହାଙ୍କୁ ସିରିଆରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତବ୍‌ଲିଗ୍‌କୁ ପ୍ରସାର କରିବା ନିମନ୍ତେ ଓ ଯମାତ୍‌ର ସଦସ୍ୟମାନଙ୍କୁ ଏକତ୍ର କରି ଏ ଯମାତ୍‌କୁ ମଜ୍‌ବୁତ୍ ମୂଳଦୁଆ ଉପରେ ସ୍ଥାପନ ରଖିବା ନିମନ୍ତେ ଅସାଧାରଣ ସୌଭାଗ୍ୟ ମିଳିଥିଲା, ସେ ଥିଲେ ମୁନୀର୍ ଅଲ୍‌ହସ୍‌ନି ସାହେବ୍ । ଆଜି ଆମେ ମସିହ୍ ମଉଦ୍ ଆ:ସଙ୍କ ବସ୍ତି କାଦିଆନ୍ ଦାରୁଲ୍ ଅମାନ୍‌ରୁ ବରଂ ଏପରି କହିବା ଉଚିତ୍ ହେବ ଯେ କାଦିଆନ୍‌ରେ ଅବସ୍ଥିତ ଶ୍ୱେତ ମିନାରାରୁ ନିଜ ଜାତି ଓ ନିକଟ ସମ୍ପର୍କୀୟମାନଙ୍କୁ ବରଂ ସାରା ସଂସାରକୁ ସମ୍ବୋଧନ କରି କହୁଅଛୁ ଯେ ଯାଅଲ୍ ମସିହ୍ ଯାଅଲ୍ ମସିହ୍ ଏବଂ ଏ ସାକ୍ଷୀ ଦେଉଅଛୁ ଯେ ହଜ୍‌ରତ୍ ମସିହ୍‌ଜ଼ ଜମାନ୍‌ଙ୍କ ଉପରେ ହୋଇଥିବା ସ୍ୱର୍ଗବାଣୀ *ୟୁସଲ୍ଲୁନା ଆଲୈକା ସୁଲହାଉଲ୍ ଅରବି ୱ ଅବ୍‌ଦାଲୁଶ୍ ଶାମି ।* ଅର୍ଥାତ୍- ଆରବ ସିରିଆର ନିଷ୍ଠାବାନ୍ ଓ ପୁଣ୍ୟବାନ୍ ଲୋକେ ତୁମ ଉପରେ ଦରୁଦ୍ ପ୍ରେରଣ କରୁଛନ୍ତି, ଏହି ଉକ୍ତି ସତ୍ୟ ଥିଲା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ଥିଲା । ମୋର ଏ ପ୍ରାର୍ଥନା ଯେ ଆରବବାସୀ ନବୀ କରିମ୍ ସ:ଆ:ସଙ୍କ ସେବକ ସୟଦ୍‌ନା ହଜ୍‌ରତ୍ ଅହେମଦ୍ ଆ:ସଙ୍କ ବାସ୍ତବିକ ସାହାଯ୍ୟକାରୀ ହୋଇଯାଆନ୍ତୁ । ମୁଁ ମୋର ଏହି ବକ୍ତବ୍ୟକୁ ଏକଥାରେ ଶେଷ କରୁଛି ଯେ ଦମଶ୍କର ଅହେମଦୀ ଭାଇମାନେ ଯେଉଁକଥା ମୋତେ କହିଥିଲେ ତାହା ହେଉଛି ମୁଁ ସେଇ ଭାଇମାନଙ୍କ ନିମନ୍ତେ ଏହି ମୁବାରକ୍ ଇଜ୍‌ତେମାରେ ଦୁଆ କରିବା ନିମନ୍ତେ ଦରଖାସ୍ତ କରୁଅଛି । କ୍ରମଶଃ.. (ବହ୍‌ୱାଲା ଅଖବାରେ ବଦର୍ ୧ ଫେବୃଆରୀ ୨୦୧୮)

*ପୃଷ୍ଠା-୬ ର ଅବଶିଷ୍ଟାଂଶ.......*

ସାକ୍ଷାତ୍‌କାର କରିବା ପାଇଁ ସୌଭାଗ୍ୟ ପାଇଲେ । ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ଜାମାଇକାରୁ ଜଲ୍‌ସା ସାଲାନା ନିମନ୍ତେ ଯେଉଁ ପ୍ରତିନିଧି ମଣ୍ଡଳ ଆସିଥିଲା ସେଥିରେ ଜର୍ନାଲିଷ୍ଟ୍ ଥିଲେ । ସେମାନେ ଏଠାରୁ ଫେରିଯିବା ପରେ ଜାମାଇକାରେ ଜଲ୍‌ସା ସାଲାନା ବିଷୟରେ କଭରେଜ୍ ଦେଇଛନ୍ତି । ଏବଂ ଖବରକାଗଜ ଗୁଡିକରେ ବହୁତ ବଢ଼ିଆ ଆର୍ଟିକିଲ୍ ଛପାଯାଇଛି । ସେହିପରି ସେମାନେ ଏକଘଂଟାର ଡକୁମେଂଟାରୀ ମଧ୍ୟ ପ୍ରସ୍ତୁତ କରିଛନ୍ତି ।

ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ମସ୍‌ଜିଦ୍ ଚତୁଃପାର୍ଶ୍ୱରେ ଗରିବ ଲୋକମାନେ ରହୁଛନ୍ତି । ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ କି ଇଦ୍ ଇତ୍ୟାଦି ଅବସରରେ ସେମାନଙ୍କୁ ସାହାଯ୍ୟ କରିଦିଅନ୍ତୁ । ପୁଣି ହଜୁର୍ ଅନୱ୍ୱର୍ କହିଲେ ଜାମାଇକାର ଲୋକମାନଙ୍କୁ ପ୍ରକୃତିରେ ଏକ ପ୍ରକାର ଟାଣପଣ ଅଛି । ଏଠି ୟୁ.କେ ରେ ଯେତେବେଳେ ଏହି ଲୋକମାନେ ଅହେମଦୀ ହେଲେ ସେତେବେଳେ ସେମାନଙ୍କ ଭିତରେ ଏକପ୍ରକାର ପରିବର୍ତ୍ତନ ହେଲା । ପୁଣି ତବ୍‌ଲିଗ୍ କରିବା ବାଲା ମଧ୍ୟ ଏହି ଲୋକମାନେ ଅଟନ୍ତି । ଏବଂ ତବ୍‌ଲିଗ୍ କାର୍ଯ୍ୟରେ ବହୁତ ନିଷ୍ଠା ଅଛି ଇସାଇମାନଙ୍କୁ ତବ୍‌ଲିଗ୍ କରିବା ପ୍ରସଙ୍ଗରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଯେ ସେମାନଙ୍କୁ ହିକ୍‌ମତ୍‌ର ସହିତ ତବ୍‌ଲିଗ୍ କରନ୍ତୁ । ସେହି ଇସାଇ ମାନଙ୍କ ନେତାଙ୍କୁ ଡାକନ୍ତୁ ଓ ତାଙ୍କ ସହିତ ମିଟିଂ କରନ୍ତୁ । ସେମାନଙ୍କ ସହିତ ଧର୍ମ ଚର୍ଚ୍ଚା କରନ୍ତୁ ।

ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଜାମାଇକା ଆହୁରି ଅଧିକା ମୁବଲିଗ୍ ପଠାଇବା ନିମନ୍ତେ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଯେ ଆସନ୍ତା ବର୍ଷ ଯେତେବେଳେ ମୁବଲିଗମାନେ ଯାମିଆରୁ ଉତୀର୍ଣ୍ଣ ହୋଇ ବାହାରିବେ ସେ ସମୟରେ ଧ୍ୟାନ ରଖାଯିବ ।

ହଜୁର୍ ଅନୱ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ କି ଆପଣ ସେଠାରେ ହୋମିଓପାଥିକ୍ କ୍ଲିନିକ୍ ଖୋଲନ୍ତୁ ଓ ପ୍ରାଇମେରି ସ୍କୁଲ୍ ମଧ୍ୟ ଖୋଲନ୍ତୁ । ହୋମିଓପାଥିକ୍ କ୍ଲିନିକ୍ ଓ ପ୍ରାଇମେରି ସ୍କୁଲ୍ ସ୍ଥାପନ ବିଷୟରେ ସଠିକ୍ ଅନୁଧ୍ୟାନ କରି ନିଜ ପ୍ରୋଗ୍ରାମ୍ ଗୁଡିକ ପ୍ରସ୍ତୁତ କରି ପଠାନ୍ତୁ ।

ମୁବଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ଆମକୁ କିଙ୍ଗ୍‌ଷ୍ଟନ୍ ସହରରେ ଯମାତି ସେଂଟର୍‌ର ଆବଶ୍ୟକ ରହିଛି । ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଯେ ସବୁ ପ୍ରକାରର ଅନୁଧ୍ୟାନ ନେବା ପରେ ନିଜର ରିପୋର୍ଟ ଏଠାକୁ ପଠାନ୍ତୁ ।

ନୌମୁବାଇନ୍ ମାନଙ୍କ ତାଲିମ୍ ଓ ତରବିୟତ୍ ପ୍ରସଙ୍ଗରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ସମସ୍ତ ନୌମୁବାଇନ୍ ମାନଙ୍କୁ ସୁରା ଫାତିହା ଶିଖାନ୍ତୁ । ଆମେରିକା ଓ କାନାଡ଼ାକୁ କୁହନ୍ତୁ ଯେ ସେମାନେ ତାଙ୍କର ଖୁଦାମ୍ ଓ ଅନ୍‌ସାର୍ ମାନଙ୍କୁ ସେଠାକୁ ପଠାନ୍ତୁ । ସେମାନେ ଯାଇ ସେଠାରେ ୱକ୍‌ଫେ ଆରଜି କରି ନୌମୁବାଇନ୍ ମାନଙ୍କୁ ଶିକ୍ଷା ପ୍ରଦାନ କରନ୍ତୁ ।

ଗରିବ ଲୋକଙ୍କୁ ସାହାଯ୍ୟ କରିବା ପ୍ରସଙ୍ଗରେ ହଜୁର ଅନୱ୍ୱର୍ କହିଲେ ଯେ ବିଭିନ୍ନ ଜିନିଷ ମାଧ୍ୟମରେ ସେମାନଙ୍କୁ ସାହାଯ୍ୟ କରନ୍ତୁ । ଟଙ୍କା ଦେବା ପରିବର୍ତ୍ତେ ପିନ୍ଧିବା ପାଇଁ ଲୁଗା ଓ ଜାମା ଦିଅନ୍ତୁ । ଖାଇବା ପିଇବାର ଜିନିଷ ଦେଇଦିଅନ୍ତୁ ।

ପୁଣି ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ ଜାମାଇକାରେ ଯମାତ୍‌ର ସ୍ଥାପନା ହେବା ଅନୁସାରେ ବର୍ତ୍ତମାନ ଯମାତ୍ ସେଠାରେ ପ୍ରାରମ୍ଭିକ ଅବସ୍ଥାରେ ଅଛି । କଠିନତା ଆସେ କିନ୍ତୁ ଆପଣମାନେ ଯେକୌଣସି ପ୍ରକାରେ ମଧ୍ୟ ସେହି କଠିନତାରୁ ବାହାରିବାକୁ ହେବ । ହିକ୍‌ମତ୍‌ର ସହିତ କାର୍ଯ୍ୟ କରି ଚାଲନ୍ତୁ ଓ ପ୍ରାର୍ଥନା ମଧ୍ୟ କରିଚାଲନ୍ତୁ ।

ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ-ନିଜ ପବ୍ଲିକ୍ ରିଲେସନ୍‌କୁ ବଢ଼ାନ୍ତୁ । ମନ୍ତ୍ରୀ, ମେୟର ଅଫ୍ ପାର୍ଲିଆମେଂଟ, ପୋଲିସ୍ କମିଶନର, କାଉନ୍‌ସିଲର, ମେୟର, ଅନ୍ୟାନ୍ୟ ସରକାରୀ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ଶିକ୍ଷିତ ଗୋଷ୍ଠୀଙ୍କ ସହିତ ସମ୍ପର୍କ ରଖନ୍ତୁ । ଏବଂ ଯେତେବେଳେ କିଛି ବିଶେଷ ମୁହୂର୍ତ୍ତରେ ଯେଉଁ ସବୁ ଉତ୍ସବ ଅନୁଷ୍ଠିତ ହେଉଛି ସେମାନଙ୍କୁ ନିମନ୍ତ୍ରଣ

କରନ୍ତୁ । ତାଙ୍କ ସହିତ ସମ୍ପର୍କ ରଖନ୍ତୁ ଓ ଏହାକୁ ବଢ଼ାନ୍ତୁ । ଇଦ୍ ସମୟରେ ଏହି ପ୍ରୋଗ୍ରାମ୍ ରଖନ୍ତୁ । ଏବଂ ସେଥିରେ ସେମାନଙ୍କୁ ଡାକନ୍ତୁ । ସେହିପରି ନୂଆବର୍ଷ ଇତ୍ୟାଦି ବା ଅନ୍ୟ କୌଣସି ପ୍ରୋଗ୍ରାମ୍‌ରେ ମଧ୍ୟ ସେମାନଙ୍କ ପାଇଁ କିଛି ଉପହାର ଇତ୍ୟାଦି ପଠାନ୍ତୁ । ଏହାଦ୍ୱାରା ଆପଣଙ୍କର ଲୋକସମ୍ପର୍କ ଠିକ୍ ରହିବ ଏବଂ ରହିବା ମଧ୍ୟ ଉଚିତ୍ ।

ଏହାପରେ ସଦର ଯମାତ୍ ମିସର (Egypt) ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଦଫ୍ତରି ସାକ୍ଷାତ୍କାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସଦର ସାହେବ୍ ବିଭିନ୍ନ ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଗୋଚରରେ ତଥ୍ୟ ଉପସ୍ଥାପନ କରି କିଛି ବିଶେଷ ହିଦାୟତ୍ ଗ୍ରହଣ କଲେ । କିଛି ଶିକ୍ଷାର୍ଥୀଙ୍କ ଶିକ୍ଷା ବାବଦରେ ଖର୍ଚ୍ଚ ଓ ସେହିପରି ଗରିବ ଲୋକଙ୍କ ସାହାଯ୍ୟ ପ୍ରସଙ୍ଗରେ ମଧ୍ୟ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଲେ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ- Law of the land ମୁତାବକ ଯାହା କରିପାରୁଛନ୍ତି ତାହା କରନ୍ତୁ । ଅର୍ଥାତ୍ ଯାହା କିଛି ସେବା କରିପାରିବେ ତାହା କରନ୍ତୁ । ଚ୍ୟାରିଟିର ମଧ୍ୟ ସାହାଯ୍ୟ କରନ୍ତୁ । ସେହିପରି ଲୋକଙ୍କ ଆତ୍ମସନ୍ତୋଷ ନିମନ୍ତେ ସାହାଯ୍ୟ କରନ୍ତୁ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଠିକ୍ ୨ଟା ସମୟରେ ମସଜିଦ୍ ଫଜଲ୍‌ରେ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

ଆଜି ପ୍ୟାନ୍ ଆଫ୍ରିକୀୟ ଅହେମଦୀୟା ମୁସ୍‌ଲିମ୍ ଆସୋସିଏସନ୍ (PAAMA) ତରଫରୁ ଦୁନିଆର ବିଭିନ୍ନ ଦେଶରୁ ଆସି ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିବା ମର୍କଜି ପ୍ରତିନିଧି ମଣ୍ଡଳଙ୍କ ସମ୍ମାନରେ ମଧ୍ୟାନ୍ନ ଭୋଜନ ଦିଆଗଲା, ଯାହାର ସମସ୍ତ ବ୍ୟବସ୍ଥା ମର୍କଜି ଗେଷ୍ଟ୍ ହାଉସ୍ ପଛପଟେ ଗୋଟିଏ ଟେଣ୍ଟ୍ ଲଗାଇ କରାଯାଇଥିଲା । ଏଥିରେ କାଦିଆନ୍, ରବ୍‌ୱାରୁ ଆସିଥିବା ସମସ୍ତ ପ୍ରତିନିଧି, ଆଫ୍ରିକୀୟ ଦେଶରୁ ଆସିଥିବା ସମସ୍ତ ଅତିଥିଗଣ ଓ ଦୁନିଆର ଅନ୍ୟ ଦେଶଗୁଡିକରୁ ଆସିଥିବା ଉମରା, ନ୍ୟାସ୍‌ନାଲ୍ ସଦରାନ୍, ମୁବଲ୍ଲିଗିନ୍ କରାମ୍ ଏବଂ ଅନ୍ୟ ଯମାତି ଓ୍ୱହ୍‌ଦାଦାର୍‌ମାନେ ସାମିଲ୍ ହୋଇଥିଲେ ।

ପ୍ୟାନ୍ ଆଫ୍ରିକୀୟ ସଂଗଠନର ଶୁଭାରମ୍ଭ ୧୯୮୬ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ୟୁ.କେ ରେ ଗଠନ କରିଥିଲେ । ଏହାର ପ୍ରଥମ ସଭାପତି ଅଲ୍‌ହାଜି ଇସ୍‌ମାଇଲ ବି.କେ ଆଡୁ ସାହେବ ଥିଲେ । ତାଙ୍କ ପରେ ୨୦୦୯ ମସିହାରେ ଇସା ଅହ୍ମଦ୍ ଓ୍ୱିମା ସାହେବ୍ ସଦର ସଭାପତି ରୂପେ ନିର୍ବାଚିତ ହେଲେ । ଏବଂ ୨୦୧୪ ମସିହାରୁ ଟୁମି କାହ୍‌ଲୁଁ ସାହେବ୍ ପ୍ୟାନ୍ ଆଫ୍ରିକାନ୍ ସଭାପତି ରୂପେ ସେବା କରି ଆସୁଛନ୍ତି । ବର୍ତ୍ତମାନ ଏହାର ସଦସ୍ୟମାନଙ୍କର ମୋଟ ସଂଖ୍ୟା ହେଉଛି ୧୦୦୧ ।

ଏହି ସଂଗଠନର ଉଦ୍ଦେଶ୍ୟ ହେଉଛି ଆଫ୍ରିକିୟ ଅହେମଦୀମାନଙ୍କୁ ଗୋଟିଏ ପତାକା ତଳେ ଏକତ୍ରିତ କରି ସେମାନଙ୍କୁ ଯମାତ୍ ସହିତ ମଜ୍‌ବୁତ୍ ସମ୍ପର୍କ ସୃଷ୍ଟି କରାଇବା । ଯଦ୍ଦ୍ୱାରା ଏହି ଲୋକମାନେ ଆଗକୁ ଯାଇ ଇସ୍‌ଲାମ୍, ସମାଜ ଓ ଆଫ୍ରିକାର ସଠିକ୍ ରୂପେ ସେବା କରିପାରିବେ । ସେହିପରି ଏହି ଗୋଷ୍ଠୀ ବିଭିନ୍ନ ଦେଶ ସହିତ ସମ୍ପର୍କ ରଖିଥିବା ଆଫ୍ରିକୀୟ ଅହେମଦୀମାନଙ୍କୁ ନିଜର ମନୋଭାବ ଆଦାନ ପ୍ରଦାନ କରିବା ନିମନ୍ତେ ଗୋଟିଏ ପ୍ଲାଟ୍‌ଫର୍ମ ମଧ୍ୟ ପ୍ରଦାନ କରୁଅଛି । ଏହି ସଂଗଠନ ନିଜ ସଦସ୍ୟମାନଙ୍କର ଚାରିତ୍ରିକ ଶୈକ୍ଷିକ୍ୟ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରେ । ଏବଂ ଏପରି ପ୍ରୋଗ୍ରାମ୍ ଅନୁଷ୍ଠିତ କରାଯାଏ, ଯଦ୍ଦ୍ୱାରା ସେ ସଦସ୍ୟମାନଙ୍କ ଭିତରେ ଭାଇଚାରା ବଢ଼ିଚାଲିବ । ଯମାତ୍ ଅହେମଦୀୟାର ମୋଟୋ 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' ହେଉଛି ଏହି ସଂଗଠନର କାର୍ଯ୍ୟପନ୍ଥା । ପ୍ୟାନ୍ ଆଫ୍ରିକୀୟ ଅହେମଦୀୟ ମୁସ୍‌ଲିମ୍ ଆସୋସିଏସନ୍ ୟୁ.କେ ଜଲ୍‌ସା ସାଲାନା ୟୁ.କେ ଅବସରରେ ଗୋଟିଏ ପ୍ରୋଗ୍ରାମ୍ ମଧ୍ୟ ଅନୁଷ୍ଠିତ କରେ, ଯେଉଁଥିରେ ଆଫ୍ରିକୀୟ ଦେଶ ଗୁଡିକର ଅମୀରମାନେ ନିଜ ନିଜ ଦେଶରେ ହୋଇଥିବା ଯମାତ୍‌ର ଉନ୍ନତି ବିଷୟରେ ସୂଚନା ଦେଇଥାନ୍ତି । ଏହି ସଂଗଠନ ଆଫ୍ରିକା ଦେଶ ଗୁଡିକରେ ମସଜିଦ୍ ନିର୍ମାଣ ପ୍ରସଙ୍ଗରେ ମଧ୍ୟ ସେବା କରିବାର ସୌଭାଗ୍ୟ ପାଉଅଛି । ଏହି ସଂଗଠନ ମାଧ୍ୟମରେ ବେନିନ୍ ଓ ବୁର୍କିନାଫାସୋରେ ଅନେକ ମସଜିଦ୍ ନିର୍ମାଣ ହୋଇସାରିଛି । ପ୍ୟାନ୍ ଆଫ୍ରୀକିୟ ଅହେମଦୀୟା ମୁସ୍‌ଲିମ୍ ଆସୋସିଏସନ୍‌ଙ୍କ ତରଫରୁ ଅନୁଷ୍ଠିତ ଏହି ପ୍ରୋଗ୍ରାମ୍ ଅବସରରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅନୁମୋଦନ କ୍ରମେ ମୋକରମ୍ ମୌଲାନା ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ସାହେବ୍ (ମରହୁମ୍)ଙ୍କ ସ୍ମୃତିରେ ଅସାଧାରଣ ସେବା କରିଥିବା ଆଫ୍ରିକୀୟ ମୁବଲ୍ଲିଗିନ୍ ଓ ୱାକିଫିନେ ଜିନ୍ଦେଗୀଙ୍କୁ 'ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ଆୱାର୍ଡ' ଦିଆଯାଉଅଛି । ସେହିପରି ଆଫ୍ରିକା ଦେଶ ଗୁଡିକରେ ଅସାଧାରଣ ସେବା କରୁଥିବା ଅଣ ଆଫ୍ରିକୀୟ ମୁବଲ୍ଲିଗିନ୍ ଏବଂ ୱାକିଫିନେ ଜିନ୍ଦେଗୀଙ୍କୁ ମୌଲାନା ଅବ୍‌ଦୁର୍ ରହିମ୍ ନୟର୍ ଆୱାର୍ଡ ଦିଆଯାଉଅଛି । (ହଜ୍‌ରତ୍ ମୌଲାନା ଅବ୍‌ଦୁର୍ ରହିମ୍ ନୟର୍ ସାହେବ୍ ର:ଅଙ୍କୁ ସର୍ବପ୍ରଥମେ ମୁବଲ୍ଲିଗ୍ ରୂପେ ଆଫ୍ରିକା ପ୍ରେରଣ କରାଯାଇଥିଲା) ହଜୁର୍ ଅନୁୱର୍ ଅ:ବ:ଅ ପ୍ରୋଗ୍ରାମ୍ ଭିତରେ ନିଜ ପବିତ୍ର ହସ୍ତ ଦ୍ୱାରା ବହୁତ ସ୍ନେହର ସହିତ ଏହି ପୁରସ୍କାର ଗୁଡିକୁ ପ୍ରଦାନ କରନ୍ତି ।

ନମାଜ ଜୋହର୍ ଏବଂ ଅସର୍ ପଢ଼ିବା ପରେ ହଜୁର୍ ଅନୁୱର୍ ଅ:ବ:ଅ ସେହି ଟେଣ୍ଟ୍ ଭିତରକୁ ପ୍ରବେଶ କଲେ । ପ୍ୟାନ୍ ଆଫ୍ରିକୀୟ ଅହେମଦୀୟା ମୁସ୍‌ଲିମ୍‌ର ସଭାପତି ମହୋଦୟ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ନିବେଦନ କଲେ କି ହଜୁର୍ ୨୦୧୭ ମସିହାରେ ଚୟନ ହୋଇଥିବା ମୁବଲ୍ଲିଗିନ୍ କରାମ୍ ଏବଂ ୱାକିଫିନେ ଜିନ୍ଦେଗୀଙ୍କୁ ଏହି ପୁରସ୍କାର ପ୍ରଦାନ କରନ୍ତୁ । ସୁତରାଂ ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ମୁହମ୍ମଦ୍ ଅଲି କାଇରେ ସାହେବ୍ (ଅମୀର୍ ଏବଂ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ୟୁଗାଣ୍ଡା), ଅବ୍‌ଦୁଲ୍ ଗନି ଜାହାଙ୍ଗୀର ଖାନ୍ ସାହେବ୍ (ଇନ୍‌ଚାର୍ଯ୍ୟ ଫ୍ରେଂଚ୍ ଡେସ୍କ) ଏବଂ ହାଫିଜ୍ ଏହ୍‌ସାନ୍ ସିକନ୍ଦର୍ ସାହେବ୍ (ମୁବଲିଗ ଇନ୍‌ଚାର୍ଯ୍ୟ ବେଲଜିୟମ୍)ଙ୍କୁ 'ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ଆୱାର୍ଡ' ପ୍ରଦାନ କଲେ । ଏବଂ ଇନାୟତୁଲ୍ଲାଃ ଜାହିଦ୍ ସାହେବ୍ (ପୂର୍ବତନ ମୁବଲିଗ୍ ଗାମ୍ବିଆ, କାନାଡ଼ା ଓ ଘାନା), ବଶିର୍ ଅଖ୍‌ତର୍ ସାହେବ୍ (ପୂର୍ବତନ ଶିକ୍ଷକ ମଜ୍‌ଲିସ୍ ନୁସ୍‌ରତ୍ ଜାହାଁ ସିରିଆଲିଓନ୍) ଏବଂ ମୁହମ୍ମଦ୍ ଅକରମ୍ ବାଜୁଆ ସାହେବ୍ (ପୂର୍ବତନ ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ଲାଇବେରିଆ)ଙ୍କୁ ଅବ୍‌ଦୁର୍ ରହିମ୍ ନୟର୍ ଆୱାର୍ଡ୍ ପ୍ରଦାନ କଲେ ।

ପୁରସ୍କାରର ଏହି ସ୍କିମ୍‌ର ଶୁଭାରମ୍ଭ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅନୁମୋଦନରେ ୨୦୧୪ ମସିହାରେ ହୋଇଥିଲା । ୨୦୧୪ ମସିହାରେ ହଜୁର୍ ଅନୁୱର୍ ଅ:ବ:ଅ ମୁହମ୍ମଦ୍ ବିନ୍ ସ୍ୱାଲେହ୍ ସାହେବ (ଅମୀର୍ ଓ ମିସିନାରୀ ଇନ୍‌ଚାର୍ଯ୍ୟ ଯମାତ୍ ଅହେମଦୀୟା ଘାନା), ଅଜ୍‌ହର୍ ହନିଫ୍ ସାହେବ୍ (ମୁବଲିଗ୍ ଇନ୍‌ଚାର୍ଯ୍ୟ ଆମେରିକା), ମୋକରମ୍ ଇବ୍ରାହିମ୍ ବିନ୍ ୟାକୁବ୍ ସାହେବ୍ (ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ତ୍ରିନିଦାଦ୍ ଆଣ୍ଡ୍ ଟବାଗୋ), ବକ୍‌ରି ଉବେଦୀ କଲୁଟା ସାହେବ୍ (ମୁବଲିଗ୍ ସିଲ୍ ସିଲା ତନ୍‌ଯାନିଆ) ଏବଂ ଅବ୍‌ଦୁଲ୍ ଗଫାର୍ ସାହେବ୍ (ମୁବଲିଗ୍ ସିଲ୍ ସିଲା ୟୁ.କେ)ଙ୍କୁ ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ଆୱାର୍ଡ୍ ପ୍ରଦାନ କରିଥିଲେ । ସେହିପରି ୨୦୧୫ ମସିହାରେ ହଜୁର୍ ଅନୁୱର୍ ଅ:ବ:ଅ ଅବ୍‌ଦୁର୍ ରଶିଦ୍ ସାନି ସାହେବ (ମୁବଲିଗ୍ ସିଲ୍‌ସିଲା ନାଇଜେରିଆ), ଜିକ୍‌ରୁଲ୍ଲାଃ ତାୟୁ ଅୟୁବା ସାହେବ (ମୁବଲିଗ୍ ସିଲ୍‌ସିଲା ନାଇଜେରିଆ) ଏବଂ ମୋକରମ୍ ଉମର୍ ମାଆଜ୍ Coulibaly ସାହେବ୍ (ମୁବଲିଗ୍ ସିଲ୍‌ସିଲା ମାଲି)କୁ ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ଆୱାର୍ଡ ଏବଂ ମୁବାରକ୍ ଅହେମଦ୍ ନଜିର୍ ସାହେବ୍ (ପୂର୍ବତନ ମୁବଲିଗ୍ ସିରିଆଲିଓନ୍), ମେହ୍‌ମୁଦ୍ ନାସିର୍ ସାକିବ୍ ସାହେବ୍ (ଅମୀର୍ ଯମାତ୍ ବୁର୍କିନାଫାସୋ), ସଇଦୁର୍ ରହେମାନ୍ ସାହେବ୍ (ଅମୀର୍ ଯମାତ୍ ସିରିଆଲିଓନ୍), ତାହେର୍ ମେହ୍‌ମୁଦ୍ ସାହେବ୍ (ଅମୀର୍ ଯମାତ୍ ତନ୍‌ଯାନିଆ) ଏବଂ ଅବ୍‌ଦୁଲ୍ ଖାଲିକ୍ ନୟର୍ ସାହେବ୍ (ମୁବଲିଗ୍ ଇନ୍‌ଚାର୍ଯ୍ୟ କାମେରୁନ୍)ଙ୍କୁ ଅବ୍‌ଦୁର୍ ରହିମ୍ ନୟର୍ ଆୱାର୍ଡ୍ ପ୍ରଦାନ କରିଥିଲେ । ୨୦୧୬ ମସିହାରେ ମୋକରମ୍ ଉସ୍‌ମାନ୍ କମ୍ବଲାୟା ସାହେବ୍ ମୁବଲିଗ୍ ସିଲ୍‌ସିଲା ତନ୍‌ଯାନିଆ, ୟୁସୁଫ୍ ୟାଉସନ୍ ସାହେବ୍ (ନାଏବ୍ ଅମୀର୍ ଓ ମୁବଲିଗ୍ ସିଲ୍‌ସିଲା ଘାନା) ଏବଂ ଅବ୍‌ଦୁଲା ଜୁମା ସାହେବ୍ (ମୁବଲିଗ୍ ସିଲାସିଲା କେନିଆ), ହଜୁର୍ ଅନୁୱର୍ ଅ:ବ:ଅଙ୍କ ପବିତ୍ର ହସ୍ତରୁ ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ଆୱାର୍ଡ ହାସଲ କରିଥିଲେ । ଏବଂ ଦାଉଦ୍ ହନିଫ୍ ସାହେବ୍ (ପୂର୍ବତନ ଅମୀର୍ ଏବଂ ମୁବଲିଗ୍ ଇନ୍‌ଚାର୍ଯ୍ୟ ଗାମ୍ବିୟା, ବର୍ତ୍ତମାନ ମୁବଲିଗ୍ ସିଲସିଲା ଆମେରିକା), ମନୱର୍ ଅହେମଦ୍ ଖୁରଶିଦ୍ ସାହେବ୍ (ପୂର୍ବତନ ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ଗାମ୍ବିୟା) ଏବଂ ମୋକରମ୍ ଖଲିଲ୍ ଅହେମଦ୍ ମୁବଶିର୍ ସାହେବ୍ (ପୂର୍ବତନ ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ସିରିଆଲିଓନ୍ ଓ ବର୍ତ୍ତମାନର ମୁବଲିଗ୍ ଇନ୍‌ଚାର୍ଯ୍ୟ କାନାଡ଼ା) ଅବ୍‌ଦୁର୍ ରହିମ୍ ନୟର୍ ଆୱାର୍ଡ୍ ପାଇବାର ସୌଭାଗ୍ୟ ପାଇଥିଲେ ।

ପୁରସ୍କାର ବିତରଣୀ ଉତ୍ସବ ପରେ ଅତିଥିମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସାଥିରେ ଭୋଜନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଭୋଜନ ପରେ ବିଭିନ୍ନ ଆଫ୍ରିକୀୟ ଗ୍ରୁପ୍‌ସ୍ ନିଜର ବିଶେଷ ଶୈଳୀରେ ସମବେତ କଣ୍ଠରେ ତରାନା ଉପସ୍ଥାପନ କଲେ । ପରିଶେଷରେ ହଜୁର୍ ଅନୁୱର୍ ଅ:ବ:ଅ ଦୁଆ କରାଇଲେ ଅତଃପର ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଏକାକୀ ଓ ଫ୍ୟାମିଲି ସାକ୍ଷାତ୍କାର**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୭:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍ ଅହେମଦୀୟାର ସଦସ୍ୟ ଓ ପରିବାର ଗୁଡିକ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍କାର ଆରମ୍ଭ ହେଲା । ଆଜି ୪୩ ଫ୍ୟାମିଲିରୁ ୧୫୫ ଜଣ ଲୋକ ଏତଦ୍‌ବ୍ୟତୀତ ଆଉ ୩୦ ଜଣ ଜଣକିଆ ଲୋକେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୧୮୫ ଜଣ ଲୋକ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ୍ କରିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୭ଟି ଦେଶରୁ ଆସିଥିଲେ । ପାକିସ୍ତାନ, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ନରୱେ, ଡୁବାଇ, ଅବୁଧାବି, ୟୁ.କେ, ଇଣ୍ଡିଆ, ଜର୍ମାନୀ ବଙ୍ଗଳାଦେଶ, ମସ୍‌କଟ୍, ଘାନା, ବୁର୍କିନାଫାସୋ, ଡେନ୍‌ମାର୍କ, ସ୍ୱିଡେନ୍, କତର୍, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ଟୋଗୋ, ଲାଇବେରିଆ, ସାଉଥଆଫ୍ରିକା, ମାଇକ୍ରୋନେସିଆ, ଗାମ୍ବିଆ, ୟୁଗାଣ୍ଡା ଏବଂ ସୁଇଜରଲାଣ୍ଡ୍ । ଏମାନଙ୍କ ଭିତରୁ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ର ଛାତ୍ରୀ ମାନଙ୍କୁ କଲମ ଉପହାର ପ୍ରଦାନ କଲେ । ଓ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସଜିଦ୍ ଫଜଲ୍‌କୁ ଆସି ନମାଜ ମଗରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ.. (ବହ୍‌ୱାଲା ଅଖ୍‌ବାର୍ ବଦର୍ ୨୫ ଜାନୁଆରୀ ୨୦୧୮)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 15 February 2018 Issue No.7

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

**ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା**

## ମୁରବୀମାନଙ୍କ ନିମନ୍ତେ ଏହା ଜରୁରୀ ଅଟେ ଯେ ସେମାନେ ନିଜେ ନିଜର Value ବନାନ୍ତୁ । ମୁବଲ୍ଲିଗ୍ ମାନଙ୍କ କାମ ହେଉଛି ସେମାନେ ଫଳ ବାହାର କରି ଦେଖାନ୍ତୁ ।

ବିଭିନ୍ନ ବିଭାଗର ସେକ୍ରେଟାରୀମାନେ ଯାହା କିଛି ପ୍ରୋଗ୍ରାମ୍ ପ୍ରସ୍ତୁତ କରୁଛନ୍ତି ସେଗୁଡିକ ବାର୍ଷିକ କ୍ୟାଲେଣ୍ଡର୍ ହେବା ଉଚିତ୍ । ମୁରବୀମାନେ ଏହା ଜାଣିବାକଥା କି କେଉଁ ପ୍ରୋଗ୍ରାମ୍ କେବେ ଅଛି ଓ କେଉଁ କେଉଁ ପ୍ରୋଗ୍ରାମ୍‌ରେ ସେମାନେ ସାମିଲ୍ ହେବେ । ଆପଣମାନଙ୍କର ଯେଉଁ ମସ୍‌ଜିଦ୍ ଓ ସେଂଟର୍‌ଗୁଡିକ ଅଛି ସେଗୁଡିକ ପାଂଚବେଲା ନମାଜ ନିମନ୍ତେ ଉନ୍ମୁକ୍ତ ରହିବା ଉଚିତ୍ । ଯାହା କିଛି ତର୍‌ବିୟତି ସମସ୍ୟା ଅଛି ସେ ସବୁ ବିଷୟରେ ସେକ୍ରେଟାରୀ ତର୍‌ବିୟତ୍ ସହିତ ସମ୍ପର୍କ କରନ୍ତୁ ଏବଂ ତାଙ୍କ ସହିତ ମିଶି ଯମାତ୍‌ର ଲୋକମାନଙ୍କ ତର୍‌ବିୟତ୍ କରିବା ନିମନ୍ତେ ପ୍ରୋଗ୍ରାମ୍ ବନାନ୍ତୁ ।

**ମୁବଲ୍ଲିଗ୍‌ଙ୍କର କାମ ହେଉଛି ଯେ ସେମାନେ ଫଳବାହାର କରି ଦେଖାଇବେ, ଆପଣମାନଙ୍କୁ ତବ୍‌ଲିଗ୍ ଓ ତର୍‌ବିୟତ୍‌ର କାମ କରିବାକୁ ହେବ । କିପରି କରିବେ ତାହା ଆପଣଙ୍କର ଦାୟିତ୍ୱ ଅଟେ, ଅବସ୍ଥାକୁ ଦୃଷ୍ଟିରେ ରଖି ପ୍ରୋଗ୍ରାମ୍ ନିର୍ଦ୍ଧାରଣ କରନ୍ତୁ ।**

ଯେତେବେଳେ ଆପଣମାନେ ଦୁଇଟି କୁଟୁମ୍ବ ମଧରେ ସୁଲ୍‌ହା କରାଇବେ ଓ ସେମାନଙ୍କର ଝଗଡ଼ାର ନିଷ୍ପତି କରିବେ ସେତେବେଳେ ଆପଣ କୌଣସି ଦଳର ପକ୍ଷ ନେବେ ନାହିଁ, ଅର୍ଥାତ୍ କାହାର ପକ୍ଷପାତିତା କରିବେନାହିଁ ।

**ଯମାତ୍‌ର ଓ୍ୱହ୍‌ଦାଦାରାନ୍‌ଙ୍କ ସହିତ ମିଶି ବସନ୍ତୁ ଏବଂ ଯାହା କିଛି ଅସୁବିଧା ଅଛି ତାର ସମାଧାନର ରାସ୍ତା ବାହାର କରନ୍ତୁ । ହିକ୍‌ମତ୍‌ର ସହିତ କାମ କରନ୍ତୁ ଏବଂ ଯାହା କିଛି ସେଠାରେ ଆବଶ୍ୟକ ଅଛି, ସେ ସମ୍ବନ୍ଧରେ ସମ୍ପର୍କୀୟ ବିଭାଗକୁ ଜଣାନ୍ତୁ ।**

## ମୁବଲ୍ଲିଗିନ୍ କରାମ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ମୂଲ୍ୟବାନ୍ ଉପଦେଶ

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**(୦୬ ଅଗଷ୍ଟ ୨୦୧୭ (ରବିବାର)**

ଜଲ୍‌ସା ସାଲାନା ମୌକାରେ ଯେଉଁଠି ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ସେଠାରେ ଉକ୍ତ ଦେଶ ଗୁଡିକରୁ ଆସିଥିବା ଉମରା କରାମ୍, ନ୍ୟାସ୍‌ନାଲ୍ ସଦରାନ୍ ଏବଂ ମୁବଲ୍ଲିଗିନ୍ ଇନ୍‌ଚାର୍ଯ୍ ସାହାବାନ୍ ଏବଂ ଅନ୍ୟାନ୍ୟ ଯମାତି ଓ୍ୱହ୍‌ଦାଦାରାନ୍ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଅଫିସିଆଲ୍ ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ନିଜର ଏହି ସାକ୍ଷାତ୍‌କାର୍‌ରେ ଆସନ୍ତା ବର୍ଷ ପାଇଁ ତବ୍‌ଲିଗ୍ ପ୍ରୋଗ୍ରାମ୍, ତର୍‌ବିୟତି ପ୍ଲାନିଂ, ମସ୍‌ଜିଦ୍ ଓ ମିଶନ୍ ହାଉସ୍‌ର ନିର୍ମାଣ ଏବଂ ନିଜ ଦେଶରେ ଅନ୍ୟାନ୍ୟ ଯୋଜନା ଗୁଡିକ ବିଷୟ ଉପସ୍ଥାପନ କରି ହିଦାୟତ୍ ଗ୍ରହଣ କରନ୍ତି ।

ଆଜିକାର ଏହି ପ୍ରୋଗ୍ରାମ୍‌ରେ କିଛି ଯମାତି ଓ୍ୱହ୍‌ଦାଦାରାନ୍ ଓ ମୁବଲ୍ଲିଗିନ୍ କରାମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍ ସକାଳ ୧୦:୩୦ ରେ ଆରମ୍ଭ ହେଲା ।

ସର୍ବପ୍ରଥମେ ଅବ୍‌ଦୁଲ୍ଲାଃ ଉବ୍‌ବା ସାହେବ୍ (ମୁରବୀ ସିଲ୍ ସିଲା ଆମେରିକା) ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କଲେ । ସେ ହେଉଛନ୍ତି ଜଣେ ଗାମ୍ବିୟା ନିବାସୀ ଓ ୨୦୧୫ ମସିହାରେ ଯାମିଆ ଅହେମଦୀୟା ୟୁକେ ରୁ ଶାହିଦ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ମୁବଲ୍ଲିଗ୍ ହୋଇଛନ୍ତି । ତାଙ୍କର ନିଯୁକ୍ତ ଆମେରିକାରେ ହୋଇଥିଲା । ସେ ଗାମ୍ବିୟାରୁ ସିଧା ଆମେରିକା ଯାଇଥିଲେ ଓ ଏବର୍ଷ ଆମେରିକାରୁ ଜଲ୍‌ସା ସାଲାନା ୟୁକେ ରେ ସାମିଲ୍ ହେବାପାଇଁ ଆସିଥିଲେ । ସେ ଆମେରିକାରେ ନିଜ କାର୍ଯ୍ୟ ସମ୍ବନ୍ଧିତ ଓ ଅନ୍ୟାନ୍ୟ ପ୍ରୋଗ୍ରାମ୍ ପ୍ରସଙ୍ଗରେ ହିଦାୟତ୍ ଗ୍ରହଣ କଲେ । ତାଙ୍କର ଏହି ସାକ୍ଷାତ୍‌କାର୍ ୧୦:୫୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ମୋକରମ୍ ଅମୀର୍ ସାହେବ୍ ଯମାତ୍ ଅହେମଦୀୟା କବାବୀର୍ ଦଫ୍‌ତରି ସାକ୍ଷାତ୍‌କାର୍‌ର ସୌଭାଗ୍ୟ ପ୍ରାପ୍ତ କଲେ । ଅମୀର ସାହେବ୍ ଏମ୍.ଟି.ଏ ଅଲ୍ ଆରବୀୟାରେ ପ୍ରସାରଣ ହେଉଥିବା ଆରବୀ ପ୍ରୋଗ୍ରାମ୍ ଏବଂ ଅଲ୍ ହିଓ୍ୱାରୁଲ୍ ମୁବାଶିର୍ ପ୍ରୋଗ୍ରାମ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ହିଦାୟତ୍ ହାସଲ୍ କଲେ ଏବଂ ଆସନ୍ତା ପ୍ରୋଗ୍ରାମ୍ ବିଷୟରେ ନିଜର କାର୍ଯ୍ୟ ପନ୍ଥା ଉପସ୍ଥାପନ କଲେ ।

ଏହାପରେ ଅମୀର୍ ସାହେବ୍ ଡେନ୍‌ମାର୍କ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଦଫ୍‌ତରି ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏବଂ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan